## ପ୍ରଶ୍ନର ଉତ୍ତର ମିଳିଲାନି

# ଗଣେଶ, ସରସ୍ୱତୀଙ୍କ ମୂର୍ତ୍ତିର ହାତଗୋଡ ଭାଙ୍ଗିଲେ ଶିକ୍ଷକ!



ମୁନିଗୁଡା,୧୬ ।୧(ସମିସ) ଶିକ୍ଷକଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରି ଏଇ ସ୍କୁଲରେ ଅନେକ ଥର ବିଦ୍ୟାର୍ଥୀ ମାଡ଼ ଖାଇବା ଏବଂ

ମାରି ମୂର୍ତ୍ତିର ହାତଗୋଡ଼ ଭାଙ୍ଗି ଦେଇଛନ୍ତି ଜଣେ ମଦୁଆ ଶିକ୍ଷକ । ରାୟଗଡା ଜିଲ୍ଲା ସ୍ଥିତ ଅମ୍ବାଦଳା ଜନଜାତି ଉଚ୍ଚ ବିଦ୍ୟାଳୟରେ ଘଟିଛି ଏଭଳି ଘଟଣା। ଏହି ଘଟଣା ଜିଲ୍ଲାରେ ଆଲୋଚନାର ବିଷୟ ହୋଇଛି।

ସୂଚନା ପ୍ରକାରେ, ଗତକାଲି ସନ୍ଧ୍ୟାରେ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷକ ମଦ ନିଶାରେ ବିଦ୍ୟାଳୟ ପରିସରରେ ଏପଟ ସେପଟ ଘୁରି ବୁଲୁଥିଲେ। ଶିକ୍ଷକଙ୍କ ଏଭଳି ଅବସ୍ଥା ଦେଖି ଛାତ୍ର ଛାତ୍ରୀ ଶିକ୍ଷକ ମୁହଁକୁ ନ ଯିବା ପାଇ ଚେଷ୍ଟା କରିଥିଲେ।



### ଧର୍ମରକ୍ଷା ସମିତିର ଉଦ୍‌ବେଗ

କାର୍ଯ୍ୟାନୁଷ୍ଠାନ ପୂର୍ବକ ଶିକ୍ଷକଙ୍କ ବଦଳି ହେବା ଘଟଣା ମଧ ନଜିର ରହିଛି । ହେଲେ ଶିକ୍ଷକଙ୍କ ପ୍ରଶ୍ନର ଜବାବ ଦେଇ ନପାରି ଥିବାରୁ ଗତକାଲି ବିଦ୍ୟାଳୟ ପରିସରରେ ସ୍ଥାପିତ ସରସ୍ୱତୀ ଏବଂ ଗଣେଶ ମୂର୍ତ୍ତିଙ୍କୁ ମାଡ଼ ହେଲେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ମଦୁଆ ଶିକ୍ଷକ ଜଣକ ଆଉ କାହାକୁ ନ ପାଇ ବିଦ୍ୟାଳୟ ପରିସରରେ ସ୍ଥାପିତ ଗଣେଶ ଏବଂ ସରସ୍ୱତୀ ମୂର୍ତ୍ତି ସହ କଥାବାର୍ତ୍ତା ଆରମ୍ଭ କରିଥିଲେ। ମଦ ନିଶାରେ ମୂର୍ତ୍ତି ଗୁଡାକୁ କିଛି ପ୍ରଶ୍ନ କରିଥିଲେ। ମୂର୍ତ୍ତି ଗୁଡିକୁ ତୁମ ମାନଙ୍କ ଶିକ୍ଷାଗତ ଯୋଗ୍ୟତା କେତେ ବୋଲି ଇଂରାଜୀରେ ପଚାରି ଥିଲେ। ହେଲେ ମୂର୍ତ୍ତି ଗୁଡିକରୁ କିଛି ଉତ୍ତର ନ ଆସିବାରୁ ଶିକ୍ଷକ ମୂର୍ତ୍ତି ଦୁଇଟିର ହାତ ଗୋଡ଼ ଭାଙ୍ଗି ଦେଇଥିଲେ। ହିନ୍ଦୁ ଦେବଦେବୀଙ୍କୁ ଏପରି ଅପମାନ କରିଥିବାରୁ ଉକ୍ତ ଘଟଣାକୁ ନେଇ ଅମ୍ବାଦଳା ଧର୍ମ ରକ୍ଷା ସମିତର କର୍ମକର୍ତ୍ତା ବିଦ୍ୟାଳୟ ସମ୍ମୁଖରେ ପହଞ୍ଚିବାରୁ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ପୂର୍ବରୁ ବିଦ୍ୟାଳୟ ପରିସର ମଧ୍ୟରେ ଧର୍ମାନ୍ତୀକରଣ ପୁସ୍ତକ ବଣ୍ଟାଯିବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ଆମ୍ବାଦଳା ଅଞ୍ଚଳର ହିନ୍ଦୁ ସଂଗଠନ। ହେଲେ ଆଜିର ଏହି ଅଭାବନୀୟ ଘଟଣା ଉପରେ ଜିଲ୍ଲା ମଙ୍ଗଳ ଅଧିକାରିଣୀ କ'ଣ କାର୍ଯ୍ୟାନୁଷ୍ଠାନ ନେବେ ତାହା ଦେଖିବାକୁ ବାକି ରହିଛି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ




ମାଲକାନଗିରି, ୧୬ ।୧(ସମିସ):

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅଧୀନରେ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ନେବା ନିମନ୍ତେ ମାଲକାନଗିରି ଜିଲ୍ଲାରୁ ତୀର୍ଥ ଯାତ୍ରୀଙ୍କୁ ନେଇ ଏକ ବସ୍ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏହି ତୀର୍ଥ ଯାତ୍ରୀ ବସ୍‌କୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ବରିଷ୍ଠ ନାଗରିକଙ୍କ ସୁଖଦ ଯାତ୍ରା ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି। କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ତୀର୍ଥଯାତ୍ରୀ ରାୟଗଡା ରେଳ ଷ୍ଟେସନରୁ ବାରାଣାସୀ ଓ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ଆଜି ସମସ୍ତ ୭୫ ଜଣ ତୀର୍ଥଯାତ୍ରୀ ଓ ୨ ଜଣ ସହଯୋଗୀ ଅଧିକାରୀ ରାୟଗଡ଼ା ପହଞ୍ଚିବେ। ଆସନ୍ତାକାଲି ବାରଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ଯାତ୍ରୀଙ୍କର ସୁଖଦ ଯାତ୍ରା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଆଯାଇଛି। ଆଜି ସମସ୍ତ ଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ତୀର୍ଥ ଯାତ୍ରୀ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ଏଥିରେ ସହଯୋଗ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ସନ୍ତୋଷ ବିଶ୍ୱାସ ଯାତ୍ରା ନିମନ୍ତେ ଆବଶ୍ୟକ ବୈଷୟିକ ସହାୟତା ଯୋଗାଇ ଦେଇଥିଲେ। ଜିଲ୍ଲା ରାଜସ୍ୱ କର୍ମଚାରୀ ରବୀନ୍ଦ୍ର ନାୟକ ଓ କ୍ରୀଡ଼ା ଶିକ୍ଷୟତ୍ରୀ ବବିତା ମହାନ୍ତି ସମସ୍ତ ତୀର୍ଥ ଯାତ୍ରୀଙ୍କ ସହାୟତା ନିମନ୍ତେ ଏସ୍କର୍ଟ ଅଧିକାରୀ ଭାବେ ଯାତ୍ରା କରୁଛନ୍ତି।

# ୱାଟର ସେଡ୍ ମହୋତ୍ସବ




କୋଷାଗୁମୁଡା,୧୬।୧(ସମିସ):

ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କେ.ସେମେଲା ଠାରେ ବ୍ଲକସ୍ତରୀୟ ୱାଟର ସେଡ୍ ମହୋତ୍ସବ ମହା ସମାହାରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ସମର୍ପିତ ଏହି ବିକାଶଶୀଳ ଯୋଜନାରେ ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ସହିତ ସମ୍ପୃକ୍ତ ଅଞ୍ଚଳର ଆର୍ଥିକ, ସାମାଜିକ ଓ ଆର୍ଥିକ ବିକାଶ ଦିଗରେ ସଚେତନତା ସହିତ ସମସ୍ତଙ୍କ ସମ୍ପୃକ୍ତି ପାଇଁ ଆହ୍ୱାନ ଦିଆଯାଇଥିଲା। ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ୱାଟର ସେଡ୍ ଉନ୍ନୟନ ଅଂଶ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ଅନ୍ତର୍ଗତ ଆସୁଥିବା ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସଂକଳ୍ପ ନିଆଯାଇଥିଲା। ୱାଟର ସେଡ୍ ମାଧ୍ୟମରେ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଲୋକଙ୍କ ଆର୍ଥିକ ସ୍ଥିତି ସୁଦୃଢ ହୋଇପାରିଛି। ଛୋଟ ଛୋଟ ଆନିକଟ ବନ୍ଧ ତଥା ବିଭିନ୍ନ ଉପାୟରେ ଜମି ପାଣି କିପରି ଜମିରେ ରହିବ, ସେ ନେଇ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଆଗକୁ ନଦୀରେ ବର୍ଷା ଜଳ ପ୍ରବାହିତ ପାଣିକୁ ଚେକ ଡ୍ୟାମ ମାଧ୍ୟମରେ ରୋକଯାଇ ଚାଷ ଉପଯୋଗୀ କରିବା ନେଇ ମଧ୍ୟ ସଂକଳ୍ପ ନିଆଯାଇଥିଲା। ଜଙ୍ଗଲ ସୁରକ୍ଷା ଦିଗରେ ମଧ୍ୟ ତତ୍ପରତା ହେବା ସହ ୱାଟର ସେଡ୍ ମାଧ୍ୟମରେ ଚାଷୀଙ୍କୁ କାଜୁ ଗଛ ଯୋଗାଇ ଦେଇ ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ ହୋଇପାରିଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ କୁଞ୍ଜ ବିହାରୀ ଦାଶ, ପି ଡି ୱାଟର ସେଡ ଚିନ୍ତାମଣି ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ,ଏପିଡି ପ୍ରମୋଦ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ସବେଶ୍ୱର ମାଝୀ, ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, କୋଷାଗୁମୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶୀଷ ତ୍ରିପାଠୀ, ଦିନେଶ ସାହୁ, ମହିତ ରାଜ ନାୟକ, ପ୍ରତିଷ ପରିଡା, ଏସସିଆରଓ ସମୀର କୁମାର ପ୍ରଧାନ, ବିଦୁ ଭୂଷଣ ବ୍ରହ୍ମାଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ସଫଳ ଚାଷୀ ଭାବେ ଉପସ୍ଥିତ ରହିଥିଲେ।

# ବାଇକ୍ ସହ ବାଇକ୍ ଧକ୍କା: ୪ ଗୁରୁତର

ନନ୍ଦପୁର, ୧୬।୧ (ସମିସ): ଶୁକ୍ରବାର ଦିନ ୧୦ଟା ବେଳକୁ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ବାଇକ୍ ପରସ୍ପର ଧକ୍କାରେ ପାଞ୍ଚ ଜଣଙ୍କ ମଧ୍ୟରୁ ୪ ଜଣ ଗୁରୁତର ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଜଣେ ଛାତ୍ରକୁ ସାମାନ୍ୟ ଆଘାତ ଲାଗିଛି। ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟରତ ବିପିଏମ୍ ବିଚିତ୍ର କୁମାର



ରାଉତ ଓ ଯୋଗାଣ ନିରୀକ୍ଷକ ବଳରାମ ଜେନା, ଆଦର୍ଶ ବିଦ୍ୟାଳୟ ଦଶମ ଶ୍ରେଣୀର ଜଣେ ଛାତ୍ର ଓ ଅନ୍ୟ ଜଣେ ଗାଡି ଚାଳକ ଖୁଲୁଆ ଗ୍ରାମର ଦୁର୍ଜନ ଖରା ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଅଫିସ ବିଳମ୍ବ ହେଉଥିବାରୁ ଉଭୟ ବିଚିତ୍ର ରାଉତ ଓ ବଳରାମ ଜେନା ବାଇକ୍ ଯୋଗେ ବ୍ଲକ କାର୍ଯ୍ୟାଳୟକୁ ଯାଉଥିବା ସମୟରେ ଆଦର୍ଶ ବିଦ୍ୟାଳୟର ଦୁଇ ଛାତ୍ର ଏକ ବାଇକ୍‌କୁ ସହଯୋଗ ମାଗି ସ୍କୁଲ ଯାଉଥିଲେ। ସେହି ସମୟରେ ବ୍ଲକ୍ ସମ୍ମୁଖରେ ଥିବା ହମ୍ପସ ନିକଟରେ ଦୁଇ ବାଇକ୍ ଧକ୍କା ହୋଇଥିଲା। ରାସ୍ତାରେ ଯାଉଥିବା ପଥିକ ମାନେ ତୁରନ୍ତ ସମସ୍ତଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ଘରକୁ ଫେରିଥିବା ବେଳେ ଯୋଗାଣ ନିରୀକ୍ଷକ ଶ୍ରୀ ଜେନା ନିଜସ୍ୱ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଯାଇଥିବା ଓ ଅନ୍ୟ ଜଣେ ବାଇକ୍ ଚାଳକ ଦୂର୍ଯ୍ୟନ ଖରା ଗୁରୁତର ଅବସ୍ଥାରେ ଅଧିକ ଚିକିତ୍ସା ନିମନ୍ତେ କୋରାପୁଟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ସରସ୍ୱତୀ ବିଦ୍ୟା ମନ୍ଦିର ପୁରାତନ ଛାତ୍ର ସମାବେଶ




ଜୟପୁର,୧୬ ।୧(ସମିସ): ଜୟପୁର ଶାରଦା ବିହାରସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ୨୦୦୬ ମାଟ୍ରିକ ବ୍ୟାଚର ଛାତ୍ର ମାନଙ୍କ ଦ୍ୱାରା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଟାଙ୍କୁଆ ଗ୍ରାମଠାରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତତ୍କାଳୀନ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ଯୋଗଦେଇ ବନ୍ଧୁମିଳନ କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ବନ୍ଧରେ ସୂଚନା ପ୍ରଦାନ ସହ ଏହାକୁ ପାରିବାରିକ ତଥା ସାମାଜିକ ପରମ୍ପରାରେ ପରିଣତ ତଥା ନିୟମିତ ଆୟୋଜନ କରିବା ପାଇଁ ଆହ୍ୱାନ କରିଥିଲେ। ଏଥିରେ ପୂର୍ବତନ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ସୁନୀଲ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କଉ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ବିବେକ ସିଂ, ସିଦ୍ଧାର୍ଥ ପାଢ଼ୀ, ଅନିରୁଦ୍ଧ ପଣ୍ଡା, ସୁମନ ପାତ୍ର, ବିଶ୍ୱେଶ୍ୱର ପାତ୍ର, ସୁଶାନ୍ତ ବେହେରା ପ୍ରମୁଖ ବିଦ୍ୟାର୍ଥୀ ଜୀବନ ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରୁ ଅତିସ ସାବତ ପରିଚୟ ପ୍ରଦାନ କରିଥିବାବେଳେ ଅବିନାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ସନ୍ଦିପ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମୀର ସାହୁ, ସୌମ୍ୟରଂଜନ ପଟ୍ଟନାୟକ, ଶିବ ଗୌଡ଼, ଆହ୍ୱାନଦୀପ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱେଚ୍ଛାସେବୀ ଯୁବକ ସଂଘର ସମାବେଶ



ରାୟଗଡା, ୧୬।୧(ସମିସ): ରାୟଗଡ଼ା ସହରର ବ୍ରାହ୍ମଣ ସାହି ସ୍ୱେଚ୍ଛାସେବୀ ଯୁବକ ସଂଘ ତରଫରୁ ଶୁକ୍ରବାର ଏକ ବନ୍ଧୁମିଳନ ତଥା ବଣଭୋଜିର ଆୟୋଜନ କରାଯାଇଥିଲା। ଉକ୍ତ ବଣଭୋଜିରେ ବ୍ରାହ୍ମଣ ସାହିର ୧୫୦ରୁ ଅଧିକ ସଦସ୍ୟ ଉପସ୍ଥିତ ଥିଲେ। ସେଠାରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସାହିର ଉନ୍ନତି ଏବଂ ରାୟଗଡ଼ା ସହର ପାଇଁ ସାହି ବାସିନ୍ଦାଙ୍କ ଅବଦାନ କଣ ରହିବ ସେ ବିଷୟରେ ଆଲୋଚନା କରାଯାଇଥିଲା।

# ହୃଦ୍‌ଘାତରେ ସାମ୍ବାଦିକ ମୃତ

ରାୟଗଡ଼ା,୧୬।୧(ସମିସ): ୱେବ ମିଡିଆରେ କାର୍ଯ୍ୟ କରୁଥିବା ସାମ୍ବାଦିକ ଆଶୁତୋଷ ପଟ୍ଟନାୟକଙ୍କ ଆଜି ହୃତଘାତରେ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୩ ବର୍ଷ ବୟସ ହୋଇଥିଲା। ଆଜି ଅପରାହ୍ନରେ ଆଶୁତୋଷ ଅସୁସ୍ଥ ଅନୁଭବ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିଲେ।



ସେଠାରେ ଡାକ୍ତର ତାଙ୍କୁ ନିମୋନିଆ ହୋଇଥିବା ଓ ସୁଗାର ସ୍ତର ବଢ଼ି ଯାଇଥିବା ସୂଚନା ଦେଇଥିଲେ। ଆଶୁତୋଷ ତାଙ୍କ ଛାତିରେ ମଧ ଯନ୍ତ୍ରଣା ହେଉଥିବା କହିବାରୁ ତୁରନ୍ତ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଖବର ପ୍ରକାଶ ହେବା ପରେ ରାୟଗଡାରେ ଶୋକର ଛାୟା ଖେଳିଯାଇଛି। ରାୟଗଡା ଜିଲ୍ଲା ପ୍ରେସ ଆଣ୍ଡ ମିଡିଆ ୱେଲଫର ଆସୋସିଏସନର କାର୍ଯ୍ୟକର୍ତ୍ତା ଶିବାଜୀ ଦାଶ, ସଂଗ୍ରାମ ପଟନାୟକ, ସୁଶାନ୍ତ ପ୍ରଧାନ, ଶିବ ନାରାୟଣ ଗଉଡ, ବି,ଶ୍ରୀନିବାସ, ସନ୍ତୋଷ ପାଣିଗ୍ରାହୀ, ପ୍ରଶାନ୍ତ ପାଳ, ଅମୂଲ୍ୟରତ୍ନ ସାହୁ, ଆଶିଷ ରଞ୍ଜନ ପଣ୍ଡା, ମୂରଲୀ ବୋଛାଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଗ୍ରନ୍ଥାଗାର ଡମ୍ବରୁଧର ପଣ୍ଡା, ଇମ୍ଫା କାରଖାନାର ଲୋକ ସଂପର୍କ ଅଧିକାରୀ ଦୀପକ ଓଝା, ଉତ୍କଳ ଆଲୁମିନାର ଅମଜାଦ ଅଲ୍ଲୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଆଶୁତୋଷ ପଟନାୟକ ରାୟଗଡ଼ା ଜିଲ୍ଲା ଡିଜିଟାଲ ମିଡିଆ ସଂଘର ସଭାପତି ରୂପେ ଦାୟିତ୍ୱ ତୁଲାଉଥିଲେ।

# ଡିଗ୍ରୀ କଲେଜରେ ରକ୍ତଦାନ ଶିବିର

କୁନ୍ଦୁରା, ୧୬।୧(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ରେଡ଼କ୍ରସ, ଏନଏସ୍‌ଏସ୍, ଆମ କଲେଜ ଆମ ଗୌରବ ଓ ଅଭିଭାବକ ମାନଙ୍କ ମିଳିତ ଉଦ୍ୟମରେ ଏହି ଶିବିର ଆୟୋଜନ ହୋଇଥିଲା। ଏଥିରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତା ମାନଙ୍କୁ ଅନୁଷ୍ଠାନ ଏବଂ ଅଞ୍ଚଳବାସୀଙ୍କ ତରଫରୁ ଶୁଭେଚ୍ଛା ଜ୍ଞାପନ କରିବା ସହ ପ୍ରମାଣ ପତ୍ର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟାପିକା ରଶ୍ମିତା ପ୍ରଧାନ, ଅଜିତା କୁମାରୀ ପଣ୍ଡା ଏବଂ ଅଧ୍ୟାପକ ରମେଶ ଚନ୍ଦ୍ର ଲେଙ୍କା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ରକ୍ତଦାନ କରିବା ଦ୍ୱାରା ଜରୁରୀ ରକ୍ତ ଆବଶ୍ୟକ ସମୟରେ ଅନ୍ୟକୁ ରକ୍ତ ଦାନ କରି ଜୀବନ ବଞ୍ଚାଇବା ସହିତ ରକ୍ତଦାତାଙ୍କ ଶରୀର ମଧ ଉତ୍ତମ ରହେ। ଏଣୁ ରକ୍ତଦାନ ଭଳି ମହତ୍ କାର୍ଯ୍ୟ ପାଇଁ ଅନ୍ୟ ମାନେ ଆଗ୍ରହ ପ୍ରକାଶ କରି ଆଗାମୀ ଦିନରେ ଯେକୌଣସି ଅନୁଷ୍ଠାନ ଦ୍ୱାରା ଆୟୋଜିତ ହେଉଥିବା ଶିବିର ମାନଙ୍କରେ ଅଧିକରୁ ଅଧିକ ରକ୍ତଦାନ କରିବାକୁ ଛାତ୍ରଛାତ୍ରୀ ଓ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡା ।




# ମାଁ ପେଣ୍ଡ୍ରାଣୀ ସବୁଜ ସେନା ସଂଘର ସ୍ୱଚ୍ଛତା କାର୍ଯ୍ୟକ୍ରମ




ଉମରକୋଟ,୧୬।୧ (ସମିସ): ମାଁ ପେଣ୍ଡ୍ରାଣୀ ସବୁଜ ସେନା ସଂଘ ତରଫରୁ ସ୍ଥାନୀୟ ଭାସ୍କେଲ ଡ୍ୟାମ ଠାରେ ସ୍ୱଚ୍ଛତା ଏବଂ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଭିନ୍ନ ପର୍ଯ୍ୟଟକ ମାନଙ୍କ ଦ୍ୱାରା ଭୋଜି ପରେ କରାଯାଇଥିବା ଅଳିଆ ଆବର୍ଜନା, ମଦ ବୋତଲ ଇତ୍ୟାଦିକୁ ଭଲ ଭାବେ ସଫା କରି, ସମାଜକୁ ଏକ ସ୍ୱଚ୍ଛତା ଏବଂ ସଚେତନତାର ବାର୍ତ୍ତା ଦିଆ ଯାଇଥିଲା । ଡ୍ୟାମରେ ଥିବା ଶିଶୁ ଉଦ୍ୟାନକୁ ମଧ୍ୟ କେମିତି ଯତ୍ନର ସହ ରଖାଯାଇ ପାରିବ ସେଥିପ୍ରତି ଲୋକଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ମା' ପେଣ୍ଡ୍ରାଣୀ ସବୁଜ ସେନା ସଂଘର ସଭାପତି ସନ୍ତୋଷ କୁମାର ସାହୁ, ଉପ ସଭାପତି ରାକେଶ ମିସ୍ତ୍ରୀ, ସମ୍ପାଦକ ଟୁନା ଦାଶ, ସହ ସମ୍ପାଦକ ନଶନ ଖରା, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, ଉପଦେଷ୍ଟା ମହେଶ୍ୱର ସ୍ୱାଇଁ, ସମସ୍ତ ବ୍ଲକ ସଂଯୋଜକଙ୍କ ସମେତ ୫୦ରୁ ଅଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ

ସୁନାବେଡା,୧୬।୧ (ସମିସ):

ସୁନାବେଡ଼ା ହାଲ ସହରାଞ୍ଚଳ ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ମକର ମିଳନ ଓ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ସଭାପତି ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକା ଡ. ବିଦ୍ୟୁତ ପ୍ରଭା ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ମକର ସଂକ୍ରାନ୍ତିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଆ ଭାଷା ସାହିତ୍ୟର ପ୍ରମୁଖ କର୍ଣ୍ଣଧାର ତଥା ସେନାପତି, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଦ୍ୱାରା ରଚିତ 'ଛ ମାଣ ଆଠ ଗୁଣ୍ଠ' "ଡାକ ମୁନସୀ' ଭଳି ଅନେକ କାଳଜୟୀ ରଚନା ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି ନାରାୟଣ ମାର୍ଥାଙ୍କ ସଂଯୋଜନାରେ ଏକ କବିତା ପାଠ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ କବି ପ୍ରକାଶ ବେହେରା, ନାରାୟଣ ମାର୍ଥା, ବିଶ୍ୱଜିତ ଜେନା, ସୁଧିର ପ୍ରଧାନ, ଦୁର୍ଗା ଚରଣ ବିଶୋଇ ଏବଂ ସମୀର କୁମାର ରାଉତ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଧାଶ୍ୟାମ ଦାସ, ଆନନ୍ଦ ମୌଳି ପଟ୍ଟନାୟକ, ଡଃ ଶାନ୍ତନୁ କୁମାର ନାୟକ, ଶ୍ରୀକୁମାର ବେହେରା, ପ୍ରଭାକର ବେହେରା, ପ୍ରକାଶ ଚନ୍ଦ୍ର ହୋତା, ସରୋଜ ଦାସ, ମାନସ ଦାସ, ସୁଦର୍ଶନ ଶେଖର କିରଣ, ରମାକାନ୍ତ କାଳିଆ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।




# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନାରାୟଣପଟଣା, ୧୬।୧(ସମିସ): କୋରାପୁଟ ଜିଲ୍ଲା ନାରାୟଣପଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ନାରାୟଣପଟଣା ସାମାଜିକ ସୁରକ୍ଷା ଅଧିକାରୀ ଆକାଶ ପାଲଙ୍କ ଦ୍ୱାରା ପରିଚାଳିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ସ୍ଥାନୀୟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବିଡିଓ ବିକ୍ରମ କୁମାର ଦୋରା, ଡାକ୍ତର ବିମଳ କୁମାର ବାଘ, ସାଂସଦ ପ୍ରତିନିଧି ସପନ ସରିତ ତୁରୁକ ,ଜିଲ୍ଲା ପରିଷଦ ସଭ୍ୟା ରାମ୍ବୋ ସିରିକା ପ୍ରମୁଖ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ନାରାୟଣପଟଣା ବ୍ଲକ ପରିସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ କରାଯାଇଥିଲା। ଜଣକୁ ଏକ ବ୍ୟାଟେରୀ ଚାଳିତ ଗାଡି, ଦୁଇଜଣକୁ କାନ ଶୁଣିବା ଯନ୍ତ୍ର ସହ ଅନେକ ସହାୟକ ଉପକରଣ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବିଡିଓ ବିକ୍ରମ ଦୋରା, ଜିଲ୍ଲାପରିଷଦ ସଭ୍ୟା ରାମ୍ବୋ ସିରିକା, ସପନ ସରିତ ତୁରୁକଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ଅନ୍ୟ ଚିହ୍ନଟ ୭୬ ଜଣକୁ ଆଗାମୀ ଦିନ ମାନଙ୍କରେ ଉପକରଣ ଦିଆଯିବ ବୋଲି ସୂଚନା ମିଳିଛି।। ଶିବିରକୁ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକଙ୍କୁ ଉଚ୍ଚ ମାନର ସୁବିଧା ଯୋଗାଇ ଦିଆଯିବ ବୋଲି ବିଧାୟକ କହିଥିଲେ । ଏହାସହ ଏହି ଶିବିରରେ ସହଯୋଗ କରିଥିବା ସମସ୍ତ କର୍ମଚାରୀ, ଶିକ୍ଷକ, ଏସଏଚଜି ଗ୍ରୁପ ମହିଳା, ଅଙ୍ଗନବାଡି କର୍ମଚାରୀ, ରେଡକ୍ରସ ଛାତ୍ର ଛାତ୍ରୀ, ସ୍ଥାନୀୟ ପୁଲିସ, ଦମକଳ ବାହିନୀ, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଅସ୍ଥିଶଲ୍ୟ ବିଭାଗ ୧୦୭, ଚକ୍ଷୁ ବିଭାଗ ୩୩, ବୌଦ୍ଧିକ ଅକ୍ଷମତା ବିଭାଗ ୩୧, ଶ୍ରବଣ ଶକ୍ତି ବାଧିତ ଓ ବାକ୍‌ଶକ୍ତି ବଧିତ ବିଭାଗ ୯୩, ଅନ୍ୟାନ୍ୟ ବିଭାଗର ୧୩ ସମୁଦାୟ ୨୭୭ ଜଣ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ପଞ୍ଜୀକରଣ କରିଥିଲେ। ଏହି ଶିବିରରେ ଚକ୍ଷୁ ବିଶେଷଜ୍ଞ ଡକ୍ଟର ଦେବାଶିଷ ମହାପାତ୍ର, ଶ୍ରବଣ ଶକ୍ତି ଓ ବାକ୍‌ଶକ୍ତି ବିଶେଷଜ୍ଞ ଡ. ସାଲାମ ଏମକେ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ଅଭିଷେକ ବେହେରା, ଶିଶୁ ବିଶେଷଜ୍ଞ ଡ. ସୁଜିତ ସାହୁ, ମାନସିକ ରୋଗ ବିଶେଷଜ୍ଞ ଡ. ସବ୍ୟସାଚୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିର ପଞ୍ଜିକରଣରେ ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନବାଡି, ଏସଏଚ୍‌ଜି ମହିଳା, ରାଧାକୃଷ୍ଣ କଲେଜ ରେଡ଼କ୍ରସ ଛାତ୍ରଛାତ୍ରୀ। ଏହି କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀ ଏବଂ ସାମାଜିକ ସୁରକ୍ଷା କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଗୁଡାରୀ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗୁଡାରି,୧୬।୧ (ସମିସ): ଗୁଡାରୀ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ(ଶ୍ରୀଧାରା) ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ଅତିରିକ୍ତ ଦାୟିତ୍ୱରେ ଥିବା ସୁଜନ ମଲ୍ଲିକ ଏବଂ ବ୍ଲକ୍ ବିଇଓ ଲୋକନାଥ ସୁନା, ପିଏଏସଏସଏ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିରୁପମା ଶବର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ଗୋଟିଏ ଆଦର୍ଶ ଛାତ୍ରର ଚରିତ୍ର କିଭଳି ହେବା ଆବଶ୍ୟକ ଏବଂ ନିଜକୁ ଭଲ ମଣିଷ ଭାବେ ଗଢ଼ିବାକୁ ହେଲେ ଶିକ୍ଷା ହିଁ ଏକ ମାତ୍ର ସଫଳତାର ଚାବିକାଠି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କିରଣୋଦୟ ନନ୍ଦ କରିଥିଲେ। ବାର୍ଷିକ ଉତ୍ସବକୁ ରାଧାକାନ୍ତ ଗୁରୁ , କଳ୍ପନା ଦେବୀନଲା, ବିଷ୍ଣୁ ପ୍ରସାଦ ଗୁରୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ମଧ୍ୟାହ୍ନଭୋଜନ ଅବ୍ୟବସ୍ଥା, ଶିକ୍ଷକଙ୍କ ଅନୁପସ୍ଥିତ ନେଇ ଏବିଓଙ୍କ ତଦନ୍ତ

ମାଥିଲି,୧୬।୧ (ସମିସ):

ମାଲକାନଗିରି ଜିଲ୍ଲା ମାଥିଲି ଶିକ୍ଷା ବିଭାଗ ଅଧୀନରେ ଥିବା ପାହାଡ଼ ଅପରପାଶ୍ୱର୍ ଗାଁ କର୍ତ୍ତନପାଲ୍ଲୀ ପଞ୍ଚାୟତ କଟୁଆପଦର ପ୍ରାଥମିକ ବିଦ୍ୟାଳୟରେ ଗତ କିଛି ଦିନ ତଳେ ମଧ୍ୟାହ୍ନଭୋଜନ ଅନିୟମିତତା ଓ ବିଦ୍ୟାଳୟକୁ ଆସୁ ନଥିବା ଶିକ୍ଷକଙ୍କ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ସେହି ଖବର ଅଧାରରେ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ଗତକାଲି ଅଚାନକ ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ କଟୁଆପଦର ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। କିଛି ଦିନ ପୂର୍ବରୁ ଖବରକାଗଜରେ କଟୁଆପଦର ପ୍ରାଥମିକ ବିଦ୍ୟାଳୟର ଦୁଇ ଶିକ୍ଷକ ବିଦ୍ୟାଳୟ ଯାଉ ନଥିବା ଖବର ପ୍ରକାଶିତ ହୋଇଥିଲା। ଏହାକୁ ଭିତ୍ତି କରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଅଚାନକ ଗସ୍ତ କରି ବିଭିନ୍ନ ତଥ୍ୟ ଜାଣିବାକୁ ପାଇଲେ। ଏହି ଗସ୍ତ ସମୟରେ ତାଙ୍କ ସହ ସିଆରସିସି ରଞ୍ଜିତ ସିଂ ମଧ୍ୟ ଉପସ୍ଥିତ ଥିଲେ। ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସେଠାରେ ବର୍ତ୍ତମାନ ବିଦ୍ୟାଳୟ ଗୃହ ନାହିଁ। ଆମାଶୁ ଦୁରୁଆଙ୍କ ଘରେ ପାଠପଢା ହେଉଛି। ଏହି ବିଦ୍ୟାଳୟରେ ମୋଟ ୧୮ ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ପଢୁଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଅଧିକାରୀଙ୍କ ଗସ୍ତ ସମୟରେ ୧୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିବା ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ତଦନ୍ତ ସମୟରେ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମ ସହ ଆଲୋଚନା ପରେ ଜାଣିବାକୁ ପାଇଥିଲେ ଯେ ଚଳିତ ଜାନୁଆରୀ ୬ ତାରିଖ ଦିନ ଉଭୟ ଶିକ୍ଷକ ପର୍ଶୁରାମ ଜାଲାରି ଓ ବାମନ ମୁଣ୍ଡାରୀ ବିଦ୍ୟାଳୟରେ ଅନୁପସ୍ଥିତ ରହିଥିବା ପରିଚାଳନା କମିଟି ସଦସ୍ୟ ମାନେ ଜଣାଇଥିଲେ। ଏହି ଆଲୋଚନା କରିବା ସମୟରେ ପରିଚାଳନା କମିଟି ସଭାପତି ପାବୁନୁ ଦୁରୁଆ, ଯୁଶୁ ଦୁରୁଆ, ଗୁରୁବାରି ଦୁରୁଆ, ସନା କବାସି, ଗାଙ୍ଗା ଦୁରୁଆ, ସୁନିଆ ଦୁରୁଆ, ଗୁପ୍ତ ଦୁରୁଆ, ସାହୁ ଦୁରୁଆ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ଦୁଇ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯିବା ସହ ଜାନୁଆରୀ ମାସର ଦରମା ବନ୍ଦ କରାଯିବ ବୋଲି ଶ୍ରୀ ନାୟକ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି।

# ସେମିଲିଗୁଡା ମହାବିଦ୍ୟାଳୟର ଯୁବ ମହୋତ୍ସବ ଆଜିଠାରୁ



ସେମିଲିଗୁଡ଼ା,୧୬।୧ (ସମିସ): କୋରାପୁଟ ଜିଲ୍ଲା ସେମିଲିଗୁଡା ମହାବିଦ୍ୟାଳୟର ଯୁବ ସପ୍ତାହ ପାଳନ ଅବସରରେ ଯୁବ ମହୋତ୍ସବ "ଅରା-୨୦୨୬"ର ଜାନୁୟାରୀ ୧୭ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମହୋତ୍ସବରେ ଜାତୀୟ ଯୁବ ରେଡକ୍ରସ ଆନୁକୂଲ୍ୟରେ ରେଡକ୍ରସର ମୌଳିକ ନୀତି, ମାନବିକତା, ସମଦର୍ଶିତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତ ସେବା, ଏକତା ଏବଂ ବିଶ୍ୱଜନୀନତା ଉପରେ ଆଧାରିତ। ଅଧକ୍ଷା ଡ. ଝାନ୍ସୀ ସିଂହ ସୂଚନା ଦେଇଛନ୍ତି ଯେ ଅବିଭକ୍ତ କୋରାପୁଟ ସ୍ୱତନ୍ତ୍ର ଜୋନ୍‌ର ଚାଳିଶରୁ ଅଧିକ ମହାବିଦ୍ୟାଳୟର ରେଡକ୍ରସ ସ୍ୱେଚ୍ଛାସେବୀ ଏବଂ ରେଡକ୍ରସର କାଉନ୍‌ସିଲରଙ୍କୁ ଏହି ଉତ୍ସବରେ ଯୋଗ ଦେବାପାଇଁ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଅନୁରୋଧ କରାଯାଇଛି। ତିନିଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ତିନିଶହରୁ ଅଧିକ ସ୍ୱେଚ୍ଛାସେବୀଙ୍କୁ ନେତୃତ୍ୱ ନେବାର କଳା, ବ୍ୟକ୍ତିତ୍ୱର ବିକାଶ, ଯୁବ ପାର୍ଲାମେଣ୍ଟ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ, ପରିବେଶ, ସାମାଜିକ କୁସଂସ୍କାର, ପର୍ଯ୍ୟଟନ ସ୍ଥଳୀର ସ୍ୱଚ୍ଛତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ସେମିଲିଗୁଡା ମହାବିଦ୍ୟାଳୟର ରେଡ୍‌କ୍ରସ କାଉନ୍‌ସିଲର ଶିବାଶ ପଟ୍ଟନାୟକ ଏହି ଶିବିରର ସଂଯୋଜକ ଭାବରେ କାର୍ଯ୍ୟ ନିର୍ବାହ କରିବେ। ଏହି ତିନିଦିନିଆ ଯୁବ ମହୋତ୍ସବକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ସ୍କାଉଟ ଗାଇଡର ରେଞ୍ଜର ରୋଭର, ଏନ୍‌ସିସିର ସ୍ୱେଚ୍ଛାସେବୀଙ୍କ ମିଳିତ ସହଯୋଗରେ ସଫଳ କରାଯିବ। ଉକ୍ତ ମହୋତ୍ସବକୁ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା ଉଦ୍‌ଘାଟନ କରିବେ। ଏଥିରେ ଖଣି ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେବେ। ବିଧାୟକ ରାମଚନ୍ଦ୍ର କାଡାମ, ବିଧାୟକ ରଘୁରାମ ମାଛ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ ଡ . ଦେବୀ ପ୍ରସାଦ ମିଶ୍ର, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଗୋପାଳ ହାଲଦାର ଏବଂ ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ସଭାପତି ମଧୁ ସୂଦନ ଦାସ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ସୂଚନା ମିଳିଛି।

# ସହିଦ ରଞ୍ଜିତ ମହାରଣା କ୍ଲବ୍‌ର ମକର ସଂକ୍ରାନ୍ତୀ ଉତ୍ସବ




ମାଥିଲି,୧୬।୧ (ସମିସ): ମାଲକାନଗିରି ମାଥିଲି ବ୍ଲକ ସଦର ମହକୁମା ଠାରେ ଥିବା ସହିଦ ରଞ୍ଜିତ ମହାରଣା କଲ୍ୟାଣ ମଣ୍ଡପ ଠାରେ ମକର ସଂକ୍ରାନ୍ତି ମହା ଆଡମ୍ବରରେ ପାଳିତ ହୋଇଯାଇଛି। ସହିଦ ରଞ୍ଜିତ ମହାରଣା କ୍ଲବ ସଭାପତି କେ.ଶିବ ପ୍ରସାଦଙ୍କ ନେତୃତ୍ୱରେ ତିନି ଧରି ମକର ସଂକ୍ରାନ୍ତି ଓ ପୋଙ୍ଗଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା,ପୁରୁଷ,ଯୁବକ, ଯୁବତୀ ଓ ଶିଶୁ ମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗର ଖେଳର ପ୍ରତିଯୋଗିତାରେ ଶହ ଶହ ପ୍ରତିଯୋଗିତାରେ ପ୍ରତିଯୋଗିତା ଭାଗ ନେଇଥିବା ବେଳେ କୃତିତ୍ୱ ମାନଙ୍କୁ ଅତୀତ ମାନଙ୍କ ଦ୍ୱାରା ପୁରସ୍କୃତ ମଧ୍ୟ କରାଯାଇଥିଲା। ବିଶେଷ କରି ମାଥିଲି ଓ ଖଇରପୁଟର ଗଣମାଧ୍ୟମ ମାନଙ୍କୁ ସହିଦ ରଞ୍ଜିତ ମହାରଣା କ୍ଲବ ତରଫରୁ ସମ୍ମାନିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ଏ, ରାଜୁ,ସଞ୍ଜୀବ ମହାନ୍ତି, ରାଜୀବ ବେହେରା, ବି.ଶ୍ରୀନୁ, ଆର ମୋହନ ରାଓ, ଆର ପ୍ରକାଶ, ଏମ.ରାବଣା,ଗୁରୁନାଥ ଚିନାମ,ସୀମାଞ୍ଚଳ ବେହେରା ସହିତ ରୋହିତ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ କମିଟିର ସଦସ୍ୟ ମାନେ ବହୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ହଜାର ହଜାର ଦର୍ଶକ ଉପସ୍ଥିତ ଥିଲେ।

# ମାଆ ଠାକୁରାଣୀ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ



ପାପଡାହାଣ୍ଡି,୧୬।୧ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ମୋକିଆ ପଞ୍ଚାୟତ ଅଧିନସ୍ଥ ବାମୁଣୀ ଗ୍ରାମଠାରେ ମାଆ ଠାକୁରାଣୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଡାବୁଗାଁ ବିଧାୟକ ମୋନହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ , ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ମୋକିଆ ସରପଞ୍ଚ ଜଗତ ଜୀବନ ନାୟକ, ପୂର୍ବତନ ସମିତି ସଭ୍ୟ ଯୁଗଳ ବିଷୋୟୀ, ନାଏବ ସରପଞ୍ଚ ପ୍ରତିନିଧି ବିଶୋମ ହରିଜନ, ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ପରେଶ ଜେନା, ଜଗଦୀଶ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଗାଁରେ ପହଞ୍ଚିବା ପରେ ପାରମ୍ପରିକ ବାଦ୍ୟ ଏବଂ ନୃତ୍ୟରେ ସ୍ୱାଗତ କରି ଗ୍ରାମ ପରିକ୍ରମା କରାଇ ଖେଳ ପଡିଆକୁ ପାଛୋଟି ନିଆଯାଇଥିଲା। ଏହି ଫାଇନାଲ ମ୍ୟାଚ ପାତ୍ରଗୁଡା ଏବଂ ପଖାନାଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ପାତ୍ରଗୁଡା ୨୦/୧୩ ପଏଣ୍ଟରେ ବିଜେତା ହୋଇଥିଲା। ଚାମ୍ପିଅନ୍ ପାତ୍ରଗୁଡା ଦଳକୁ ଅତିଥିଙ୍କ ଦ୍ୱାରା ୨୫୦୦୦ ଟଙ୍କା ସହ ଟ୍ରଫି ଏବଂ ଉପ ବିଜେତା ପଖାନାଗୁଡା ଦଳକୁ ୨୦୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି।

# ପଟାଙ୍ଗି ନିର୍ବାଚନ ମଣ୍ଡଳୀ କଂଗ୍ରେସ ସମାବେଶ

ସେମିଲିଗଡ଼ା, ୧୬।୧(ସମିସ):



କୋରାପୁଟ ଜିଲ୍ଲାର ସେମିଲିଗୁଡାରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀ ସ୍ତରୀୟ କଂଗେସ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ ହେଇଥିଲା। କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅନା ଗାର୍ଡେନରେ ଆୟୋଜିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ସାଂସଦ ସପ୍ତଗିରି ଉଲକା ଯୋଗ ଦେଇଥିଲେ।ଏହି ଅବସରରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସ୍ଥିତି ବଜାୟ ରଖିବା ଦିଗରେ କାମ କରିବାକୁ ନିବେଦନ କରିଛନ୍ତି। ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏକତାରେ କାମ କରିବାକୁ ଅନୁରୋଧ କରିଥିଲେ। ଆସନ୍ତା ପଞ୍ଚାୟତି ନିର୍ବାଚନ ପାଇଁ ସମସ୍ତେ ପ୍ରସ୍ତୁତ ରହିବାକୁ ପଡିବ ବୋଲି ନିଜ ମତ ପ୍ରକାଶ କରିଥଲେ। ବିଧାୟକ ରାମଚନ୍ଦ୍ର କାଡାମ ନିଜ ଅଭିଭାଷଣରେ ଦଳ ପାଇଁ କର୍ମୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହି ସମସ୍ତେ ମିଳିମିଶି କାମ କରିବା ପାଇଁ ଆହ୍ୱାନ ଦେଇ ଥିଲେ। କର୍ମୀ ମାନେ ତୃଣ ମୂଳ ସ୍ତରୀୟ ରେ କାର୍ଯ କରିବା ଆବଶ୍ୟକ ବୋଲି ବିଧାୟକ କାଡ଼ାମ ଆହ୍ୱାନ ଦେଇଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ୍ ଦଳକୁ ମଜବୁତ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ପଟାଙ୍ଗି ବ୍ଲକ୍ କଂଗ୍ରେସ ସଭାପତି ଅର୍ଜୁନ ବାଙ୍କା, ପୂର୍ବତନ ବିଧାୟକ ନିମାଇ ସରକାର,ଜିଲ୍ଲା ପରିଷଦ ସଦସ୍ୟ ମୋହନ ଜାନୀ , ଟିକାଇ ଗମେଲ, ନେତା ମନୋଜ ଆଚାର୍ଯ୍ୟ, କୃଷ୍ଣ କୁଲ ଦୀପ, ବାବୁଲା ବେନିଆ, ସୁକ୍ରା ଖରା, ସେମିଲିଗୁଡା ବ୍ଲକ୍‌ର ସଭାପତି ସନିଆ ମାଝୀ ,ନନ୍ଦପୁର ବ୍ଲକର ସଭାପତି କାମେଶ କାମୁଡି,ପୂର୍ବତ୍ତନ ବ୍ଲକ ଅଧକ୍ଷ ଜିଲ୍ଲା ପରିଷଦ ଶୁକ୍ରା ଖରା ପିସିସି ସଦସ୍ୟ ଶଙ୍କର ପଟନାଇକ, ସାଂସଦ ପ୍ରତିନିଧି ଜଗତରାଇ ଖିନିବୁଡି, ରାଜପୁଟ ସରପଞ୍ଚ ପିତାମ୍ବର କିର୍ସାନି, ନେତ୍ରୀ ବିମଳା ପାଙ୍ଗି ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାଚନରେ କଂଗେସକୁ ଜିତାଇ ଆଣିବାକୁ ଆଲୋଚନା କରିଥିଲେ। କାର୍ଯକ୍ରମରେ ବରିଷ୍ଠ ନେତା ଗୋପାଳ ମାଟାମ , ଗୋବିନ୍ଦ ଖରା , ନନ୍ଦପୁର, ସେମିଲିଗୁଡା, ପଟାଙ୍ଗି ବ୍ଲକର କଂଗ୍ରେସ ପ୍ରତିନିଧି, ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ଏହି ଅବସର ସାଂସଦ ସପ୍ତଗିରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର କ୍ୟାରିଅର ସଚେତନତା କାର୍ଯ୍ୟକ୍ରମ

ଉମରକୋଟ,୧୬।୧(ସମିସ): ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କୁର୍ସୀ ଠାରେ ସରକାରୀ ଆଇଟିଆଇ ପକ୍ଷରୁ ଏକ କ୍ୟାରିଅର କାଉନ୍‌ସେଲିଂ କାର୍ଯ୍ୟକ୍ରମ ରାଜ୍ୟ ବୈଷୟିକ ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସରକାରୀ ଆଇଟିଆଇ ଅଧକ୍ଷ ସଞ୍ଜୟ କୁମାର ଠାକୁର ତ୍ୱରାନ୍ୱିତ କରିଥିଲେ। ଅନୁଷ୍ଠାନର ଟ୍ରେନିଂ ଅଫିସର ପ୍ରଦୀପ କୁମାର ବର୍ମନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ସୌରଭ ମିଶ୍ର ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷାର ତାତ୍ପର୍ଯ୍ୟ ଏହାର ସରକାରୀ ପ୍ରତ୍ସାହନ ଏବଂ ନିଯୁକ୍ତିର ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନଧର ମାଝି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର, ଛାତ୍ରୀ, ଆଇଟିଆଇର ସହକାରୀ ପ୍ରଶିକ୍ଷକ ସୂରଜ ସାମନ୍ତ ସିଂହାର, ଦୀପକ କୁମାର ସାମନ୍ତ, ସୁଜିତ ମହାନ୍ତି ଏବଂ ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।

# ବିଧାୟକ ନୀଳମାଧବ ହିକକାଙ୍କ ଦୁର୍ଗୀ ପଞ୍ଚାୟତ ପରିଦର୍ଶନ



ଦୁର୍ଗୀ,୧୬।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତର ଭାଲେରୀ ଆଦର୍ଶ ବିଦ୍ୟାଳୟ ସମେତ ଭାଲେରୀ ମଣ୍ଡିକୁ ବିଷମକଟକ ବିଧାୟକ ନୀଳମାଧବ ହିକକା ଅଚାନକ ପରିଦର୍ଶନ କରିଛନ୍ତି। ଆଦର୍ଶ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ସଠିକ୍ ହେଉଛି କି ନାହିଁ, ପାଠପଢ଼ା ଠିକ୍‌ଠାକ୍ ଚାଲିଛି କି ନାହିଁ ବୋଲି ପଚାରି ବୁଝିଥିଲେ ଏବଂ ବିଦ୍ୟାଳୟର ଚତୁପାଶ୍ୱର୍ ବୁଲି ଦେଖିଥିଲେ। ତା ପରେ ଭାଲେରୀ ମଣ୍ଡି ଅନୁଧ୍ୟାନ କରି ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଦୁର୍ଗୀ ଗ୍ରାମର ସନାତନ ପଣ୍ଡା,ଗୋଲାପୀ ଗୌଡ଼, ଧୂଆଁବାଡ଼ି ଗ୍ରାମର ସପାଇ ୱାର୍ଡକା ପ୍ରମୁଖ ତିନି ପରିବାର ସଦସ୍ୟଙ୍କୁ ଭେଟି ଶାନ୍ତ୍ୱନା ଦେଇଛନ୍ତି। କିପରି ଓ କେଉଁ କାରଣରୁ ଜୀବନ ଚାଲିଗଲା ସେ ନେଇ ପରିବାର ବର୍ଗ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ

● ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଶୁଭାରମ୍ଭ

# ଅଯୋଧ୍ୟା ଗଲେ ୧୬୮ ଶ୍ରଦ୍ଧାଳୁ

କୋରାପୁଟ,୧୬।୧(ସମିସ): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ପାଇଁ କୋରାପୁଟ ଠାରୁ ରାୟଗଡ଼ା ଯିବାକୁ ଥିବା ବସ୍ ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଇକଙ୍କ ଦ୍ୱାରା ସଂସ୍କୃତି କାର୍ଯ୍ୟାଳୟରେ ପତାକା ଦେଖାଇ ବସ ଯାତ୍ରା ଆରମ୍ଭ କରାଯାଇଛି। ଏହି ଯାତ୍ରାରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରପାଳିକାରୁ ୧୬୮ ଜଣ ବରିଷ୍ଠ ନାଗରିକ ଗସ୍ତ କରୁଛନ୍ତି। ସର୍ବ ପ୍ରଥମେ ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ସେମାନଙ୍କୁ କିଛି କିଛି ଜରୁରୀ ଔଷଧ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଯୋଗଦାନ କରି ସମସ୍ତ ତୀର୍ଥ ଯାତ୍ରୀଙ୍କୁ ଉତ୍ସାହିତ କରିଥିଲେ ଏବଂ ସେମାନଙ୍କୁ ଶୁଭ ଯାତ୍ରାପାଇଁ କାମନା କରିଥିଲେ। ଶନିବାର ପୂର୍ବାହ୍ନରେ ସମସ୍ତେ ରାୟଗଡାରୁ ଅଯୋଧ୍ୟା ଏବଂ ଏହା ପରେ ବାରଣାସୀ ଅଭିମୁଖେ ଯାତ୍ରା କରିବେ। ଏହି ଯାତ୍ରା ୬ ଦିନ ପର୍ଯ୍ୟନ୍ତ ରହିବ ଏବଂ ଆସନ୍ତା ୨୨ ତାରିଖରେ ସମସ୍ତ ଯାତ୍ରୀ କୋରାପୁଟକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି କାର୍ଯ୍ୟକ୍ରମକୁ ଟଲିନା ପ୍ରଧାନୀ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ, କୋରାପୁଟ, ମନୋରଞ୍ଜନ ନାୟକ କନିଷ୍ଠ ସହାୟକ ଏବଂ ଜିଲ୍ଲା ପ୍ରଶାସନର ସଦସ୍ୟମାନେ ଆୟୋଜନ କରିଥିଲେ।

କୃଷି ଯାନ୍ତ୍ରିକ ଉପକରଣ ମେଳା ଶୁଭାରମ୍ଭ

# ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର ଉପରେ ଗୁରୁତ୍ୱ



ଜୟପୁର, ୧୬।୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଦଶହରା ପଡିଆ ଠାରେ ୬ଟି ବ୍ଲକର ଚାଷୀଙ୍କୁ ସଚେତନ କରିବା ନେଇ ଉପଖଣ୍ଡସ୍ତରୀୟ କୃଷି ଯାନ୍ତ୍ରିକ ଉପକରଣ ମେଳା ଶୁକ୍ରବାର ଠାରୁ ଶୁଭାରମ୍ଭ ହୋଇଛି। ଆସନ୍ତା ୩ ଦିନ ଧରି ହେବାକୁ ଥିବା ମେଳା ଶୁଭାରମ୍ଭର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇଥିଲେ। ଏଥିରେ ଜୟପୁର, ବୋରିଗୁମ୍ମା, କୁନ୍ଦୁରା, କୋଟପାଡ, ବୈପାରୀଗୁଡା ଏବଂ ଲମତାପୁଟର ଶତାଧିକ ଚାଷୀ ଯୋଗ ଦେଇଥିଲେ। ସେହିପରି ମୁଖ୍ୟଅତିଥି ବିଧାୟକ ଶ୍ରୀ ମାଛ ଆଧୁନିକ ପଦ୍ଧତିରେ ଚାଷ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହିତ ସରକାରଙ୍କ ବିଭିନ୍ନ ଯୋଜନାରେ ଚାଷୀଙ୍କୁ ଟଙ୍କା ଛାଡ଼ କରାଯାଇ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବା ବ୍ୟବସ୍ଥା ରହିଛି। ତେଣୁ ସରକାରଙ୍କ ଏହି ସୁବିଧାର ସମସ୍ତ ଚାଷୀ ମାନେ ଉପଯୋଗ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜୟପୁର ବ୍ଲକ ଅଧ୍ୟକ୍ଷା ତିଲୋତମା ମୁଦୁଲୀ, ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଆଧୁନିକ ଯନ୍ତ୍ରପାତୀର ବହୁଳ ବ୍ୟବହାର କରାଯାଇ ସ୍ୱଳ୍ପ ଖର୍ଚ୍ଚ ଏବଂ ସମୟରେ ଅଧିକ ଫସଲ ଅମଳ କରିବାର ବ୍ୟବସ୍ଥାର ଚାଷୀ ମାନେ ଭରପୁର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃଷି ଏବଂ ଆନୁସଙ୍ଗିକ ବିଭାଗ ପକ୍ଷରୁ ଟଙ୍କା ଛାଡ ମାଧ୍ୟମରେ ଚାଷ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତୀ ଉପକରଣ ନେଇ ଆଧୁନିକ ପଦ୍ଧତିରେ ଚାଷ କାର୍ଯ୍ୟ କରୁଥିବା ୪ଜଣ ପ୍ରଗତିଶୀଳ ଚାଷୀଙ୍କୁ ସମ୍ମାନିତ ସହିତ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଚାଷୀମାନଙ୍କୁ ସଚେତନତା ଏବଂ ବିଭିନ୍ନ କୃଷି ସାମଗ୍ରୀ ନେଇ ୨୦ଟି ଷ୍ଟଲ ନିର୍ମାଣ କରାଯାଇଛି । ସେଥିମଧ୍ୟରୁ ୧୩ଟି ଷ୍ଟଲରେ ଆଧୁନିକ କୃଷି ଯାନ୍ତ୍ରିକୀକରଣ ପ୍ରଦର୍ଶିତ ହୋଇଥିଲା। ଏହିପରି ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପ୍ରାଣୀ ସମ୍ପଦ, ମତ୍ସ୍ୟପାଳନ ଏବଂ ଇଫୋକ କମ୍ପାନୀ ପକ୍ଷରୁ ମଧ୍ୟ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାର ୫ଟି ଚାଷୀ ଉତ୍ପାଦକ ସଂସ୍ଥା ଭାବେ ବନ୍ଧୁଗାଁ ବ୍ଲକ ଲେମ୍ବୁ ଘାସ ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ୍, ବୋରିଗୁମ୍ମା ବ୍ଲକ ନାରୀ ପ୍ରଗତି ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ, ବୈପାରୀଗୁଡା ସବୁଜିମା ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ୍,କୁନ୍ଦୁରା ବ୍ଲକ ମା’ ପଟାଦେଇ ମିଶନ ଶକ୍ତି ମହିଳା ମକା ଉତ୍ପାଦକ କମ୍ପାନୀ ଲିମିଟେଡ୍, କୋଟପାଡ ବ୍ଲକ ଚିତ୍ରିଦରା ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ ସଂସ୍ଥାକୁ ମାଗଣାରେ ପ୍ରତ୍ୟେକ ୫ଲକ୍ଷ ଟଙ୍କାର ଯନ୍ତ୍ରପାତି ଓ ଉପକରଣ ସମୁଦାୟ ୨୫ ଲକ୍ଷ ଟଙ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟା ତପତି ପଟ୍ଟନାୟକ, ରଶ୍ମି ରଥ , କାର୍ଯ୍ୟନିର୍ବାହୀ କୃଷି ଯନ୍ତ୍ରୀ ସତ୍ୟନାରାୟଣ ଦାଶ, କୋରାପୁଟ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ପଡିହାରୀ, ଜୟପୁର ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ମଞ୍ଚାସୀନ ରହିଥିବା ବେଳେ ସ୍ଥାନୀୟ ଜିଲ୍ଲା ମୁଖ୍ୟ କୃଷି ଓ ଅତିରିକ୍ତ ଜିଲ୍ଲା କୃଷି କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

● ନିଆରା ଢଙ୍ଗରେ ମକର ପାଳନ

# ମକରରେ ୨୭୧ ବ୍ୟଞ୍ଜନ ଭେଟି



ଡେନ୍ତୁଲିଖୁଣ୍ଟି,୧୬।୧(ସମିସ): ଖାତିଗୁଡାରେ ବସବାସ କରୁଥିବା କଳିଙ୍ଗ ବୈଶ୍ୟ ସମାଜ ତଥା ତେଲୁଗୁ ଭାଷାଭାଷି ସମ୍ପ୍ରଦାୟର ପ୍ରମୁଖ ଉତ୍ସବ ଭାବରେ ମକର ତଥା ପଙ୍ଗଲ ଉତ୍ସବ ଘରେ ଘରେ ପରିଚିତ । ପ୍ରତିବର୍ଷ ଏହି ଉତ୍ସବକୁ ଆଡମ୍ବର ସହକାରେ କିଛି ସମ୍ପ୍ରଦାୟ ପାଳନ କରିଥାନ୍ତି। ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଖାତିଗୁଡା ଗ୍ରାମର ୱାଇ ଭେଙ୍କେଟ ରାଓ ଏବଂ ତାଙ୍କ ଧର୍ମପତ୍ନୀ ୱାଇ ଜ୍ୟୋତି । ମକର ପାଳନ ଅବସରରେ ନିଜ ଝିଅ ଓ ଜ୍ୱାଇଁଙ୍କୁ ନିମନ୍ତ୍ରଣ କରି ୨୭୧ପ୍ରକାର ବ୍ୟଞ୍ଜନ ଭେଟି ଦେଇଛନ୍ତି। ଏହି ଅବସରରେ ପୁରା ପରିବାର ଏକତ୍ରିତ ହୋଇ ଖୁସି ମନାଇ ଥିଲେ। ଏହି ଭଳି ନିଆରା ଢଙ୍ଗରେ ଜ୍ୱାଇଁ ଚର୍ଚ୍ଚା ଏବଂ ମକର ପାଳନ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଉତ୍ସବ ପାଳନରେ ପୁରା ପରିବାର ସାମିଲ ହୋଇଥିଲେ।

# ପରିବହନ ବିଭାଗର ସଚେତନତା କାର୍ଯ୍ୟକ୍ରମ



ଉମରକୋଟ,୧୬।୧ (ସମିସ) କେନ୍ଦ୍ର ଓ ଓଡ଼ିଶାରେ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଥିବା ସମୟରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ମାସରେ ଗୁରୁକୃପା ମହାବିଦ୍ୟାଳୟର ଛାତ୍ରୀ ଛାତ୍ର ଓ ଉମରକୋଟ ଡ୍ରାଇଭର ମହାସଂଘର ସଦସ୍ୟଙ୍କୁ ନେଇ ଉମରକୋଟ ସହରରେ ଏକ ରାଲି ବାହାର କରି ଲୋକଙ୍କୁ ସଚେତନ କରାଯାଇଛି। ଦ୍ରୁତଗତିରେ ଗାଡ଼ି ନ ଚଳେଇବା, ଗାଡି ଚଳାଇବା ବେଳେ ନିଶା ସେବନ ନ କରିବା, ବାଇକ୍ ଚଳାଇବା ବେଳେ ହେଲମେଟ ଓ କାର ଚଳେଇବା ବେଳେ ସିଟ ବେଲ୍ଟ ଲଗାଇବା, ଟ୍ରାଫିକ ନିୟମକୁ ମାନିବା ଇତ୍ୟାଦି ସଡ଼କ ସୁରକ୍ଷାକୁ ନେଇ ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରାଯାଇଛି। ଏପରିକି ବିଭାଗ ପକ୍ଷରୁ ଟ୍ରାଫିକ ସଚେତନତା ଥିବା ଲିଫଲେଟ ମଧ୍ୟ ବଣ୍ଟନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଏହି ରାଲିରେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ, ଟ୍ରାଫିକ ସବ ଇନ୍ସପେକ୍ଟର ଅବିନାଶ ବଳ, ଉମରକୋଟ ଥାନା ସବ୍ ଇନ୍ସପେକ୍ଟର ସଞ୍ଜୟ ମଣ୍ଡଳ, ଗୁରୁକୃପା ମହା ବିଦ୍ୟାଳୟର କର୍ମଚାରୀ , ଛାତ୍ରୀଛାତ୍ର ଓ ଡ୍ରାଇଭର ମହାସଂଘର ବହୁ ସଂଖ୍ୟାରେ ସଦସ୍ୟ ଉପସ୍ଥିତ ଥିଲେ।

## ରାସ୍ତା ଉପରେ ମେଗା ପ୍ରୋଜେକ୍ଟର ମାଟି

# ଦୁଇ ଗାଡ଼ି ମୁହାଁମୁହିଁ ଧକ୍କା, ୧୫ ଗୁରୁତର



ବୈପାରୀଗୁଡ଼ା,୧୬।୧(ସମିସ): ମେଗା ପ୍ରୋଜେକ୍ଟର ମନମାନୀ। ରାସ୍ତା ଉପରେ ମାଟି ପକାଇ ଛାଡିଦେଇଛି। ଫଳରେ ଘଟୁଛି ଦୁର୍ଘଟଣା। ଏଥିଯୋଗୁଁ ବୈପାରୀଗୁଡା ବ୍ଲକ ଗୁପ୍ତେଶ୍ୱର ରାସ୍ତା ମାଟିକୁପୁଲି ଛକରେ କାର ସହ ବଲେରୋ ଧକ୍କା ହୋଇଛି । ଫଳରେ ୧୩ ଜଣ ଆହତ ଥିବା ବେଳେ ଦୁଇ ଜଣ ଗୁରୁତର ଥିବା ଜଣାପଡିଛି । ସୂଚନା ଅନୁଯାୟୀ, ବୈପାରୀଗୁଡା ବ୍ଲକ ରାମଗିରି ପୁଟିଆଗୁଡାର ପ୍ରହ୍ଲାଦ ବିଶୋଇଙ୍କ ଝିଅର ବାହାଘର ପାଇଁ ଗୋଟିଏ ବୋଲେରୋରେ କନ୍ୟା ଯାତ୍ରୀ ଲମତାପୁଟ ପୋଡାଗଡ଼ ଅଭିମୁଖେ ଯାଉଥିଲେ । ଗୁପ୍ତେଶ୍ୱର ରାସ୍ତା ମାଟିକୁପୁଲି ଛକରେ ରାସ୍ତା ଉପରେ ମାଟି ପଡିଥିବା ଯୋଗୁଁ ସମନ୍ନା ପଟୁ ଆସିଥିବା କାର ସହ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡିର ସମୁଦାୟ ୧୫ ଜଣ ଆହତ ହୋଇଥିବା ବେଳେ ସେଥି ମଧ୍ୟରୁ କନ୍ୟା ଯାତ୍ରୀର ଦୁଇ ଜଣକୁ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ମେଗା ପାନୀୟ ଜଳ ପ୍ରଜେକ୍ଟର ଖମୁଖିଆଲି ନୀତି ଯୋଗୁଁ ଏଭଳି ଅଘଟନ ହୋଇଛି। ଏଣୁ ଗୁପ୍ତେଶ୍ୱର ରାସ୍ତାରୁ ମାଟି ହଟାଇବାକୁ ସ୍ଥାନୀୟ ଅଞ୍ଚଳବାସୀ ପୂର୍ତ୍ତ ବିଭାଗ ନିକଟରେ ଦାବି କରିଛନ୍ତି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କୁ ଆଇସିଏସ୍ଏସ୍ଆର ମେଜର ରିସର୍ଚ୍ଚ ଗ୍ରାଣ୍ଟ



କୋରାପୁଟ,୧୬।୧(ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ବରିଷ୍ଠ ସହ ସହାୟକ ପ୍ରାଧ୍ୟାପକ ଏବଂ ବିଭାଗ ମୁଖ୍ୟ ଡା. ବି. କେ. ଶ୍ରୀନିବାସଙ୍କୁ ଡିସେମ୍ବର ୨୦୨୫ ମାସରେ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସଏସଆର) ପକ୍ଷରୁ ଏକ ବହୁଶାସ୍ତ୍ରୀୟ ମେଜର ରିସର୍ଚ୍ଚ ପ୍ରକଳ୍ପ ଅନୁମୋଦନ ମିଳିଛି। ଭାରତରେ ପରିବାର ଏବଂ ପରିବାରିକ ପ୍ରଣାଳୀ ବିଷୟରେ ଜାରି ହୋଇଥିବା ଜାତୀୟ ଆହ୍ୱାନ ଅନ୍ତର୍ଗତ ଏହି ପ୍ରକଳ୍ପ ଚୟନ ହୋଇଥିଲା। ଯାହା ପାଇଁ ସେ ସେପ୍ଟେମ୍ବର ୨୦୨୫ ମାସରେ ଆବେଦନ କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଡା. ଶ୍ରୀନିବାସଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାରେ ବୃଦ୍ଧମାନଙ୍କ ପାଇଁ 'ପରିବାରିକ ସେବା ଏବଂ ସହାୟତା ପ୍ରଣାଳୀ ଏକ ଇଣ୍ଟରସେକ୍ସନାଲ ଅଧ୍ୟୟନ' ଶୀର୍ଷକ ଥିବା ଏହି ପ୍ରକଳ୍ପ "ପରିବାର, ସମାଜ ଏବଂ ପ୍ରତିଷ୍ଠାନ ଥିମ୍ ଅନ୍ତର୍ଗତ ରହିଛି। ଯେଉଁଥିରେ ବୟୋଜ୍ୟେଷ୍ଠ ଜନସଂଖ୍ୟା ଏବଂ ପରିବାର ଆଧାରିତ ବୟୋଜ୍ୟେଷ୍ଠ ସେବା ସହାୟତା ପ୍ରଣାଳୀ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଦୁଇ ବର୍ଷ ମିଆଦର ଏହି ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଡା. ଶ୍ରୀନିବାସ କାର୍ଯ୍ୟ କରିବେ। ସହ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଡା. ମୀରା ସ୍ୱାଇନ, ଡା. ଅଲିଭା ମହାନ୍ତି ଏବଂ ଡା. ଝରଣା ସ୍ୱାଇଁ କାର୍ଯ୍ୟ କରିବେ। ଓଡ଼ିଶାରେ ବୟୋଜ୍ୟେଷ୍ଠମାନଙ୍କ ପରିବାରିକ ସେବା ସହ ସମ୍ପୃକ୍ତ ଇଣ୍ଟରନ୍ୟାସନାଲ ଗତିବିଧିଗୁଡ଼ିକୁ ବିଶ୍ଳେଷଣ କରିବା, ବିଶେଷକରି ସାମାଜିକ-ଆର୍ଥିକ ପରିସ୍ଥିତି, ସାଂସ୍କୃତିକ ଆପେକ୍ଷା ଏବଂ ପ୍ରତିଷ୍ଠାନିକ ଢାଞ୍ଚା କିପରି ସେବା ଅନୁଭବକୁ ପ୍ରଭାବିତ କରୁଛି ତାହା ବୁଝିବା ଏହି ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡିଛି। ରାଜ୍ୟର ସାଂସ୍କୃତିକ ଭିନ୍ନତାକୁ ଦୃଷ୍ଟିରେ ରଖି ପୂର୍ବ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ତିନୋଟି ଅଞ୍ଚଳରେ ଏହି କାର୍ଯ୍ୟ କରାଯିବ।

# ଇକୋ ଟୁରିଜିମ୍, ପରିସ୍ଥିତି ମିତ୍ର ଟୁରିଜିମ୍ ସୃଷ୍ଟି ସମ୍ପର୍କିତ କର୍ମଶାଳା



ରାୟଗଡ଼ା,୧୬।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ପଞ୍ଚାୟତ ସମିତି ସଦ୍‌ଭାବନା ଗୃହରେ ଗ୍ରାମପଞ୍ଚାୟତ ସ୍ତରୀୟ ଇକୋ ଟୁରିଜିମ୍ ଓ ଟୁରିଜିମ ସୃଷ୍ଟି ସମ୍ପର୍କିତ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପିରାମଲ ଫାଉଣ୍ଡେସନର ସମ୍ବଳ ବ୍ୟକ୍ତିତ୍ୱ ନରେଶ ଶର୍ମା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ, ଜିପିଡିଓ ସ୍ମୃତିରେଖା ନାୟକ, ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ ଓ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ରାୟଗଡରେ ଅନେକ ଜଳପ୍ରପାତ, ଜଙ୍ଗଲ, ପାହାଡ ଆଦି ପର୍ଯ୍ୟଟନ ସ୍ଥଳ ରହିଛି। ଗ୍ରାମ ପଞ୍ଚାୟତ ସ୍ଥାନୀୟ ପାର୍କ, ପୋଖରୀ ସର୍ବସାଧାରଣ ସ୍ଥଳୀ ଆଦିକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପ୍ରଦାନ କରିପାରିବେ। ପର୍ଯ୍ୟଟନ ସ୍ଥଳର ନାମକରଣ ସହ ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁର ସୁପରିଚାଳନା କରାଯାଇପାରିବ। ଏକ ସୁସ୍ଥ,ସଙ୍ଗଠିତ ଓ ସ୍ଥାନୀୟ ସମୃଦ୍ଧ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ଇକୋ ଟୁରିଜିମର ପ୍ରବନ୍ଧନର ବିକାଶ ଦ୍ୱାରାଗ୍ରାମୀଣ ସାମାଜିକ, ଆର୍ଥିକ ଓ ପରିବେଶର ଲାଭକୁ ସୁଦୃଢ କରାଯାଇପାରିବ। ପଞ୍ଚାୟତକୁ ଶକ୍ତିଶାଳୀ କରିବା ନିମନ୍ତେ ସ୍ଥାନୀୟ ପର୍ଯ୍ୟଟନ ଯୋଜନା ପ୍ରସ୍ତୁତି, ସ୍ଥାନୀୟ ଯୁବଶକ୍ତିଙ୍କୁ ପର୍ଯ୍ୟଟନ ପରିଚାଳନା ସଂପର୍କିତ ପ୍ରଶିକ୍ଷଣ ଓ କ୍ଷମତା ବୃଦ୍ଧି, ପର୍ଯ୍ୟଟନ ସ୍ଥଳୀକୁ ପ୍ରଦୂଷଣ ମୁକ୍ତ ଓ ଜୈବ ବିବିଧତାର ସୁରକ୍ଷା ମାଧ୍ୟମରେ ପରିବେଶ ସୁରକ୍ଷା କରାଯାଇପାରିବ। ଏହାଦ୍ୱାରା ପ୍ରାକୃତିକ ସମ୍ପଦର ସୁରକ୍ଷା, ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ଜୈବ ବିବିଧତା ଓ ପରିବେଶର ସୁରକ୍ଷା ସହ ସ୍ଥାନୀୟ ଲୋକଙ୍କ ଆର୍ଥିକ ସୁଯୋଗ ସୃଷ୍ଟି ହେବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ବ୍ୟବସ୍ଥା ବୋଲି ବିଡିଓ ସୁଜିତ କୁମାର ମିଶ୍ର ପ୍ରକାଶ କରିଛନ୍ତି।

# ଭଞ୍ଜ ସଂସଦର ନୂତନ କର୍ମକର୍ତ୍ତା ଚୟନ



ସୁନାବେଡା,୧୬।୧ (ସମିସ): ସୁନାବେଡ଼ା ମିଗ ନଗରୀ ସ୍ଥିତ ଭଞ୍ଜ ସଂସଦର ୩୧ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଆଗାମୀ ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଞ୍ଜୟ କୁମାର ବିଷୋୟୀ ସଭାପତି, ବିଘ୍ନେଶ ପ୍ରସାଦ ମିଶ୍ର କାର୍ଯ୍ୟକାରୀ ସଭାପତି, ରାମକୃଷ୍ଣ ଖଣ୍ଡୁଆଳ ଓ ବିଜୟ କୁମାର ପାତ୍ର ଉପ ସଭାପତି, ସୁଦାମ ଦାଶ ସାଧାରଣ ସମ୍ପାଦକ, ଭାନି ପ୍ରସାଦ ନନ୍ଦ ଯୁଗ୍ମ ସମ୍ପାଦକ, ଜିତେନ୍ଦ୍ର କୁମାର ସେନାପତି ସାଂଗଠନିକ ସମ୍ପାଦକ, ସଞ୍ଜୟ କୁମାର ନାୟକ, ଦୁର୍ଯ୍ୟୋଧନ ସ୍ୱାଇଁ, ପବିତ୍ର କୁମାର ରାଉଳ ଓ ରବୀନ୍ଦ୍ର ନାଥ ପ୍ରଧାନ ସମ୍ପାଦକ, ଶଙ୍କର୍ଷଣ ବିଷୋୟୀ କୋଷାଧ୍ୟକ୍ଷ, ରାମକୃଷ୍ଣ ସାହ ସହ କୋଷାଧ୍ୟକ୍ଷ,ମନୋଜ କୁମାର ପାତ୍ର ସାହିତ୍ୟ ସମ୍ପାଦକ, ଧୀରେନ୍ କୁମାର ସାମଲ ସାଂସ୍କୃତିକ ସମ୍ପାଦକ, ରଘୁନାଥ ବେହେରା ଓ ଅବିନାଶ ବେହେରା କ୍ରୀଡା ସମ୍ପାଦକ, ବ୍ରହ୍ମାନନ୍ଦ ଭଞ୍ଜ ଓ ଦଣ୍ଡପାଣି ଶତପଥୀ ସୂଚନା ଓ ଯୋଗାଯୋଗ ସମ୍ପାଦକ, ପ୍ରଭାତ କୁମାର ସେଠୀ ଓ ଶ୍ରୀକାନ୍ତ ମହାରଣା - ସେବା ଓ ପରିବେଶ ସମ୍ପାଦକ ଭାବେ ଶପଥ ପାଠ କରିଥିଲେ। ଏତଦ୍ ବ୍ୟତୀତ କାଳୁ ଚରଣ ବେହେରା, ଜୟକୃଷ୍ଣ ପାଢ଼ୀ, ଶେଖ ଇବ୍ରାହିମ, ପ୍ରତାପ ଚନ୍ଦ୍ର ପାତ୍ର, ଡଃ ଦେବଦତ୍ତ ଶତପଥୀ, ରଞ୍ଜୀବ କୁମାର ପଣ୍ଡା ଓ ଅମର ବାଡତ୍ୟାଙ୍କୁ ଭଞ୍ଜ ସଂସଦର ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ମନୋନୀତ କରାଯାଇଛି।

# ନନ୍ଦପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ନନ୍ଦପୁର,୧୬।୧(ସମିସ): ଆଜି ନନ୍ଦପୁର ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନ ଧରି ଚାଲିବାକୁ ଥିବା ବାର୍ଷିକ କ୍ରୀଡା ମହୋତ୍ସବର ଉଦଘାଟନ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମମତାଜ୍ ଗୋମାଙ୍ଗ ଯୋଗ ଦେଇ କ୍ରୀଡାବିତ୍ ଓ ଅନ୍ୟାନ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ସମାରୋହରେ ମଶାଲ ଆସିବା ପରେ ଶୁଭ ମାନସୀ ଶ୍ରୀମତୀ ଗୋମଙ୍ଗ ପୂଜାର୍ଚ୍ଚନା କରିବା ପରେ ପ୍ରଧାନ ଶିକ୍ଷୟତ୍ରୀ କ୍ରୀଡ଼ା ଝଣ୍ଡା ଉତ୍ତୋଳନ କରିଥିଲେ। ଅନୁଷ୍ଠିତ ବିଭିନ୍ନ କ୍ରୀଡା ବିଦ୍ୟାଳୟର ଶାରୀରିକ ଶିକ୍ଷକ ସୁବାସିସ୍ମାନ ଭତ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯଥା ସ୍ନିଗ୍ଧା ରାଣୀ ରାଉତ, ଜସ୍ମିନ ଖରା, ସୀମା କାଡାମ, ଶିବାନୀ ରାଣୀ ଖରା, ବିନୋଦ ଓଝା, ଆରତୀ ଜେନା, ମଳୟ ରଞ୍ଜନ ଜେନା, ଅମିତ ମାଣ୍ଡିଆ, ରଶ୍ମିତା ମୁଣ୍ଡାଗଡ଼ିଆ, ମମତା ସାହୁ ପ୍ରମୁଖ ଆଗଭର ସହକାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଆସନ୍ତା କାଲି ଏହି କାର୍ଯ୍ୟକ୍ରମର ସମାପନ ଉତ୍ସବ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ସ୍ମାରକୀ ଦେଇ କରାଯିବାର କାର୍ଯ୍ୟକ୍ରମ ରହିଛି।

# ମାଁ ଗ୍ରାମଦେବୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ରାମନାଗୁଡା,୧୬।୧(ସମିସ):



ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ସଦର ମହକୁମା ସ୍ଥିତ ସ୍ଥାନୀୟ ପୁଲିସ ଥାନା ନିକଟରେ ମାଁ ଗ୍ରାମଦେବୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହା ଆଜି ଠାରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ସ୍ୱତନ୍ତ୍ର ଅତିଥି ରୂପେ ସାଂସଦ ପ୍ରତିନିଧି ଗାର୍ଜନା ପ୍ରସାଦ ରାଓ, ନିଲୁ ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଧର ତାଙ୍ଗୁଡୁ, ପାରୀକ୍ଷିତି ସରପଞ୍ଚ ସୂର୍ଯ୍ୟ ରାଓ କୁମ୍ବ୍ରିକା, ସମିତି ସଭ୍ୟା ଲକ୍ଷ୍ମୀ କାଡ୍ରାକା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ କଣ୍ଡାଗରୀ, ବ୍ଲକ ସଂଗ୍ରେସ ସଭାପତି ବାଞ୍ଛାନିଧି, ରଞ୍ଜିତ ନାୟକ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ କଂଗ୍ରେସ ଯୁବ ନେତା ସନ୍ତୋଷ ଲାବଲା (ପିଙ୍କୁ )ଅଭି ତୋଇକା ଯୋଗ ଦେଇଥିଲେ। ଏହି କ୍ରୀଡ଼ା କୁ ସୋମନାଥ, ଆପାରାଓ, ଦେବ, ବଳରାମ,ଚାଣ୍ଟି, ଭାସ୍କର, ଦିଲ୍ଲୀ ଓ ତାଙ୍କ ଟିମ୍ ପରିଚାଳନା କରିଥିଲେ। ଗ୍ରାମଦେବୀ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଉଦଘାଟନୀ ଦିବସରେ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଖେଳକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଦିବସରେ ଶାନ୍ତିଶୃଙ୍ଖଳାର ସହ ଟୁର୍ଣ୍ଣାମେଣ୍ଟଟି ଉଦଘାଟିତ ହୋଇଥିଲା।

# ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୧୬।୧(ସମିସ): ୩ ବର୍ଷ ପୂର୍ବେ ଏକ ଅପରାଧ ମାମଲାରେ ଅଭିଯୁକ୍ତ ଥାଇ ଫେରାର ରହିଥିବା ଯୁବକଙ୍କୁ ଆଜି ଜୟପୁର ସଦରଥାନା ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ସ୍ଥାନୀୟ ବାରିଣିପୁଟ ଗ୍ରାମର ଯୋଶେଫ ବେନିଆ(୨୪)। ପୁଲିସ ସୂଚନା ଅନୁଯାୟୀ ଜୋସେଫ ୨୦୨୩ ମସିହାରେ ଗୋଟିଏ ଅପରାଧିକ ମାମଲାରେ ସଂପୃକ୍ତ ହୋଇ ପୁଲିସ ଦ୍ୱାରା ଗିରଫ ହେବା ପରେ ଥାନାରେ ନୋଟିସ କରାଯାଇ ଛଡାଯାଇଥିଲା। ଏଥିନେଇ କୋର୍ଟରେ ମାମଲା ରହିଥିବା ବେଳେ ଅଭିଯୁକ୍ତକୁ କୋର୍ଟରେ ହାଜର ହେବା ନେଇ ବାରମ୍ବାର ନୋଟିସ ଜାରି କରାଯାଇଥିଲେ ସୁଦ୍ଧା ହାଜର ହେଉନଥିବା ଯୋଗୁଁ ଶେଷରେ କୋର୍ଟ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ଜାମିନ ବିହୀନ ଫରୱାନ(ଏନବିଡବ୍ଲ) ଜାରି କରାଯାଇଥିଲା। ଏନେଇ ସଦର ଥାନା ପୁଲିସକୁ ଅଭଯୁକ୍ତଙ୍କୁ ଗିରଫ କରିବା ନେଇ କୋର୍ଟ ପକ୍ଷରୁ ନିର୍ଦ୍ଦେଶ କ୍ରମେ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଟେନିସ୍ ପ୍ରିମିୟର ଲିଗ୍ ସିଜନ-୨ କ୍ରିକେଟ୍ ଉଦ୍‌ଯାପିତ

# ସାଇଲେଣ୍ଟ ଏଣ୍ଟ୍ରି ଦଳ ଚାମ୍ପିଅନ୍




ଗୁଣପୁର,୧୬।୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ମିନି ଷ୍ଟାଡିୟମ ଠାରେ ଗୁଣପୁର ଟେନିସ ଲିଗ ସିଜନ -୨ କ୍ରିକେଟ୍ ଟର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ଯୋଗଦାନ କରି ବିଜୟୀ ହୋଇଥିବା କ୍ରିକେଟ ଖେଳାଳିଙ୍କୁ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରିଥିଲେ। ତେବେ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ଗୁଣୁପୁର ଗସ୍ତକୁ ନେଇ ରାଜନୀତି ମହଲରେ ବିଭିନ୍ନ ପ୍ରକାରର କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି। ଆଗାମୀ ନିର୍ବାଚନରେ ରମେଶ ଜେନାଙ୍କ ନେତୃତ୍ୱରେ ଅବିଭକ୍ତ କୋରାପୁଟ ଲୋକସଭା କ୍ଷେତ୍ରରେ ନିର୍ବାଚନ ରଣନୀତି ପ୍ରସ୍ତୁତ କରାଯିବା ସହ ପୁଣି ଥରେ ଅବିଭକ୍ତ କୋରାପୁଟକୁ କଂଗ୍ରେସ ଗଡ଼ ଭାବେ ରାଜ୍ୟ ରାଜନୀତି ମାନଚିତ୍ରରେ ସ୍ଥାନ ଅଧିକାର

### ରମେଶ ଜେନାଙ୍କ ଯୋଗଦାନକୁ ନେଇ ଚର୍ଚ୍ଚା

କରିବା ଲକ୍ଷ୍ୟ ରଖାଯାଇଥିବା ରାଜନୀତି ବିଶେଷଜ୍ଞ ମାନେ ମତ ପ୍ରକାଶ କରିଛନ୍ତି। ଏହି ଉଦ୍‌ଯାପନୀ ଅବସରରେ କ୍ରିକେଟ ଖେଳାଳି ମାନେ ଉଭୟ ଅତିଥିଙ୍କୁ ପୂର୍ତ୍ତ ବିଭାଗ ବଙ୍ଗଳାଠାରୁ ବାଦ୍ୟଯନ୍ତ୍ର ସହ ବାଣ ଫୁଟାଇ ଶୋଭାଯାତ୍ରା କରି ମିନିଷ୍ଟାଡିୟମ ପଡିଆକୁ ନେଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ଗୁଣୁପୁର କଂଗ୍ରେସ ନଗର ସଭାପତି ବୁଲୁ ପାଢି ଏବଂ ବରିଷ୍ଠ କଂଗ୍ରେସ ନେତା ତରଣୀ ଶତପଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସେଠାରେ କ୍ରିକେଟ ଖେଳର ଫାଇନାଲ ମ୍ୟାଚ୍ ସରିବା ପରେ ବିଜୟୀ ହୋଇଥିବା ସାଇଲେଣ୍ଟ ଏଣ୍ଟ୍ରି କ୍ରିକେଟ ଦଳକୁ ୬୦ ହଜାର ଟଙ୍କା ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ। ବିଜୟୀ ଦଳ ୧୧୦ କରିଥିବାବେଳେ ପରାଜିତ ଦଳ ୮୨ ରନ କରିଥିଲେ। ବିଜୟୀ ଦଳଠାରୁ ୨୮ ରନ୍‌ରେ ପରାସ୍ତ ହୋଇଥିଲେ ରାଇଜିଂ ଷ୍ଟାର ଦଳ। ରନର୍ସ ଅପ୍ ରାଇଜିଙ୍ଗ ଷ୍ଟାରକୁ ୪୦ ହଜାର ଦେଇ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତା ଚଳିତ ମାସ ୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ଚାଲୁରହିଥିଲା। ୮ ଟି ଦଳ ଏଥିରେ ଭାଗ ନେଇଥିଲେ। ୧୫ ଦିନ ମଧ୍ୟରେ ୩୨ ଟି ମ୍ୟାଚ୍ ଖେଳାଯାଇଥିଲା। ଏହି ଟର୍ଣ୍ଣାମେଣ୍ଟ କୁ ବଳିଆ ମହାନ୍ତି ,ପପୁନ ମିଶ୍ର, ପଞ୍ଚୁ,ଅନିଲ ଶବର, ରଞ୍ଜିତ, ଅମର ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିବା ବେଳେ ଅମ୍ପାୟର ଭାବେ ବୈକୁଣ୍ଠ ଶବର , ରଞ୍ଜନ ଜେନା , ହରିବନ୍ଧୁ ଗମାଙ୍ଗ, କୁନା ସାହୁକାର, ସନ୍ଦୀପ ପାଣିଗ୍ରାହୀ,ବନମାଳୀ ଗାଣ୍ଡା ପରିଚାଳନା କରିଥିଲେ।

## ● ଶିକ୍ଷାନୁଷ୍ଠାନ ପରିସରରେ ଧାର୍ମିକ ମୂର୍ତ୍ତି ଭଙ୍ଗାରୁଜା ଘଟଣା

# ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଦାବିପତ୍ର

ରାୟଗଡ଼ା, ୧୬/୧(ସମିସ):



ଶିକ୍ଷାନୁଷ୍ଠାନ ପରିସରରେ ଧାର୍ମିକ ମୂର୍ତ୍ତି ଭଙ୍ଗାରୁଜା ଓ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇବା ଅଭିଯୋଗକୁ ନେଇ ଆଜି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ, ରାୟଗଡ଼ା ଜିଲ୍ଲା ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଆମ୍ବଦଳା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଘଟିଥିବା ଗୁରୁତର ଘଟଣା ସମ୍ପର୍କରେ ଉଲ୍ଲେଖ ରହିଛି। ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଗତକାଲି ସନ୍ଧ୍ୟା ସମୟରେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କେ. କ୍ରିଷ୍ଣା ରାଜୁ ହିନ୍ଦୁ ଦେବାଦେବୀ ଶ୍ରୀ ଗଣେଶ ଓ ଦେବୀ ସରସ୍ୱତୀଙ୍କ ପବିତ୍ର ମୂର୍ତ୍ତିକୁ ଭଙ୍ଗାରୁଜା କରିଛନ୍ତି। ଏହା ଫଳରେ ସ୍ଥାନୀୟ ହିନ୍ଦୁ ସମୁଦାୟର ଧାର୍ମିକ ଭାବନାକୁ ଗଭୀର ଆଘାତ ଲାଗିଥିବା ସହ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଏଥିସହ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ଉପରେ ଧର୍ମ ପରିବର୍ତ୍ତନ ପାଇଁ ଚାପ ପ୍ରୟୋଗ କରାଯାଉଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ଦାବିପତ୍ରରେ ଉଠାଯାଇଛି। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଦୃଢ଼ ଭାବେ ଦାବି କରାଯାଇଛି ଯେ, ଘଟଣା ସମ୍ପର୍କରେ ତୁରନ୍ତ ଏଫଆଇଆର ରୁଜୁ କରାଯାଉ, ଦୋଷୀଙ୍କୁ ଗିରଫ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ବିଦ୍ୟାଳୟ ପରିସରରେ ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ତତ୍କାଳ ପ୍ରଶାସନିକ ବ୍ୟବସ୍ଥା ନିଆଯାଉ। ଏହି ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ଉପସଭାପତି ଆନନ୍ଦ ରାଓ, ସମ୍ପାଦକ କୁନା ରମେଶ, ସହସମ୍ପାଦକ ଗୋପୀ ବ୍ରହ୍ମା ଓ ରଞ୍ଜନ ସ୍ୱାଇଁ, ବିଶେଷ ସମ୍ପର୍କ ପ୍ରମୁଖ ବିଜୟ ଚୌଦରୀ, ବିଧି ପ୍ରମୁଖ ବୃନ୍ଦାବନ ବେହେରା, ସେବା ପ୍ରମୁଖ ଅଶୋକ ଶତପଥି, ବଜରଙ୍ଗ ଦଳ ଜିଲ୍ଲା ସହସଂଯୋଜକ ଶସ୍ୟଜ୍ୟୋତି ବେହେରା, ନଗର କାର୍ଯ୍ୟକର୍ତ୍ତା ବି. ରାଜେଶ, ପି.ଗନି, ରାଜେନ୍ଦ୍ର ବେହେରା, ସାଇ ଦିବ୍ୟାଶିଷ ସହ ଅନ୍ୟାନ୍ୟ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ




ଜୟପୁର,୧୬ ।୧(ସମିସ): ଜୟପୁର ଠାରେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପୌରସଂସ୍ଥାର ସମ୍ମିଳନୀ ଗୃହ ଠାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ଏ. ଶଶ୍ୟା ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ସମାନ ସଂଖ୍ୟକ ପ୍ୟାରେଡ ଦଳକୁ ପଡିଆରେ ରଖିବା ନେଇ ନିଷ୍ପତି ହୋଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଏନସିସି, ସ୍କାଉଟ ଓ ଗାଇଡ ପ୍ୟାରେଡ ଦଳର ଛାତ୍ରଛାତ୍ରୀ ଏଥିରେ ସାମିଲ ହେବେ।ଆସନ୍ତା ୨୨ ଏବଂ ୨୪ ତାରିଖ ପର୍ଯ୍ୟନ୍ତ ସକାଳ ୯ଟା ଠାରୁ ସାଢେ ୧୦ଟା ପର୍ଯ୍ୟନ୍ତ ପ୍ୟାରେଡ ଅଭ୍ୟାସ କରାଯିବ। ଜୟପୁର ଦଶହରା ପଡିଆରେ ପୂର୍ବାହ୍ନ ସାଢେ ୮ ସମୟରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଜାତୀୟ ପତାକା ଉତ୍ତୋଳନ କରିବେ । ପୂର୍ବାହ୍ନ ୬ଟା ସମୟରୁ ସହରରେ ରହିଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୌରସଂସ୍ଥା ପକ୍ଷରୁ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ପ୍ୟାରେଡ ଶେଷ ହେବା ପରେ ମୁଖ୍ୟ ଅତିଥି ବିଭିନ୍ନ ପ୍ରତିଯୋଗିତାରେ ଦଳଗତ ଏବଂ ବ୍ୟକ୍ତିଗତ ଶ୍ରେଷ୍ଠ ଖେଳାଳି ଓ ଦଳକୁ ପୁରସ୍କୃତ କରିବେ। ସ୍ଥାନୀୟ ଦଶହର ପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ୟାରେଡରେ ପଡିଆ ଏବଂ ସହରର ଆଇନଶୃଙ୍ଖଳା ବ୍ୟବସ୍ଥା ସ୍ଥାନୀୟ ଟାଉନଥାନା, ସଦର, ମହିଳା ଥାନା ପୁଲିସ ଦାୟୀତ୍ୱରେ ରହିବେ। ସେହିପରି ଗଣତନ୍ତ୍ର ଦିବସ ପାଳନ ପୂର୍ବରୁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା, ପ୍ରବନ୍ଧ , ସାଧାରଣଜ୍ଞାନ ପ୍ରତିଯୋଗିତା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଏବଂ ଚିତ୍ରକଳା ପ୍ରତିଯୋଗିତା ସ୍ଥାନୀୟ ଶ୍ରୀ ବିକ୍ରମ ଚାରୁ ଓ କାରୁକଳା ବିଦ୍ୟାଳୟ ଠାରେ ଆୟୋଜିତ ହେବ। ଶ୍ରେଷ୍ଠ ପ୍ୟାରେଡ ଦଳ ଚୟନ ନେଇ ସ୍ଥାନୀୟ ଏନସିସି କାର୍ଯ୍ୟାଳୟର କମାଣ୍ଡିଂ ଅଧିକାରୀ, ପୂର୍ବତନ ଏନସିସି ଶିକ୍ଷକ ମାନଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି। ଏହି ବୈଠକରେ ତହସିଲଦାର ସବ୍ୟସାଚୀ ଜେନା, ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ଏସଡିଆଇପିଆରଓ ଯୋଶଦା ଗାଦବା, ଏନସିସି ବିଭାଗ, ଅଗ୍ନିସମ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ, ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଯୋଗାଣ ବିଭାଗର ଅଧିକାରୀ ଏବଂ ସରକାରୀ ଓ ଘରୋଇ ବିଦ୍ୟାଳୟର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# କାର୍ ଦୁର୍ଘଟଣାରେ ରେଞ୍ଜର ମୃତ, ପତ୍ନୀ ଓ ପୁଅ ଆହତ

କଲ୍ୟାଣସିଂହପୁର,୧୬।୧(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍‌ର ରେଞ୍ଜର ଚନ୍ଦନ ଗମାଙ୍ଗ ନିଜ ଗାଡିରେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିବା ଜଣାପଡିଛି। ଆଜି ରାୟଗଡା ଠାରୁ ନିଜ ଗାଡ଼ିରେ ପରିବାର ସହ କଲ୍ୟାଣସିଂହପୁର କାର୍ଯ୍ୟସ୍ଥଳୀକୁ ରାତ୍ର ପ୍ରାୟ ଆଠଟା ସମୟରେ ଫେରିବା ସମୟରେ ଗାଡ଼ିସେସ ଖାଲ ପଞ୍ଚାୟତର ରାମପୁର ନିକଟରେ ଏକ ଗଛକୁ ପିଟିହୋଇ ଯାଇଥିଲେ। ସେ ନିଜ ଗାଡ଼ି ଚଳାଉଥିବା ବେଳେ ସ୍ତ୍ରୀ ଓ ଛୋଟ ଶିଶୁ ପୁତ୍ର ବସିଥିଲେ। ରେଞ୍ଜର ଗୁରୁତର ହୋଇଥିବା ବେଳେ ଶିଶୁ ପୁତ୍ର ଓ ସ୍ତ୍ରୀ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଖବର ପାଇ ଚାନ୍ଦିଲି ପୋଲିସ ଘଟଣା ସଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ରାୟଗଡା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ସୂଚନା ମିଳିଛି। ଦୁର୍ଘଟଣା କେମିତି ହେଲା ତାହା ପୋଲିସ ତଦନ୍ତ କରୁଥିବା ଜଣା ପଡିଛି। ତେବେ ଡ଼ାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି।





# କୋରାପୁଟ ଜିଲ୍ଲା ବିଜେଡିର ବ୍ଲକ୍, ନଗରର ନୂଆ ସଭାପତିଙ୍କ ନାମ ଘୋଷଣା

କୋରାପୁଟ/ଜୟପୁର,୧୬।୧ (ସମିସ): ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଆଜି କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକ ଓ ନଗର ସଭାପତି ମାନଙ୍କ ନାମ ଘୋଷଣା କରାଯାଇଛି। ସୂଚନା ଅନୁଯାୟୀ କୋରାପୁଟ ବ୍ଲକ ସଭାପତି ଭାବେ ଏଲିୟା କିମ୍ ବେନିଆ, କୋରାପୁଟ ନଗର ସଭାପତି ଭାବେ ସୁରେଶ ପଟ୍ଟନାୟକଙ୍କୁ ମନୋନୀତ କରା ଯାଇଥିବା ବେଳେ ଲକ୍ଷ୍ମୀପୁର ବ୍ଲକ ପାଇଁ ବିପିନ ମାଣ୍ଡିଙ୍ଗା, ଦଶମନ୍ତପୁର ବ୍ଲକ ସଭାପତି ଭାବେ ମହେନ୍ଦ୍ର କୁଲଦୀପଙ୍କୁ ଚୟନ କରା ଯାଇଛି। ସେହିପରି ବନ୍ଧୁଗାଁ ବ୍ଲକ ସଭାପତି ଭାବେ ଦୁର୍ଜ ନାଗ, ନାରାୟଣପାଟଣା ପାଇଁ ପ୍ରହଲ୍ଲାଦ ଖୋସଲା, ଜୟପୁର ବ୍ଲକ ପାଇଁ ବିନୋଦ ପାତ୍ର ଓ ଜୟପୁର ସହରାଞ୍ଚଳ ପାଇଁ ଏ, ଶ୍ରୀନୁଙ୍କୁ ମନୋନୀତ କରା ଯାଇଛି। ଅନ୍ୟ ପକ୍ଷରେ ବୋରିଗୁମ୍ମା ବ୍ଲକ ସଭାପତି ଭାବେ ଲାଡ଼ି ନାରାୟଣ ଏବଂ ମନୋଜ ମହାପାତ୍ରଙ୍କୁ ବୈପାରିଗୁଡ଼ା ବ୍ଲକ ସଭାପତି ଭାବେ ଦାୟିତ୍ୱ ଦିଆ ଯାଇଥିବା ବେଳେ ଲମତାପୁଟ ବ୍ଲକ ସଭାପତି ଭାବେ ସୁନାଧର ଆଡାରି ଓ ଜ୍ଞାନ ରଞ୍ଜନ ମହାନ୍ତିଙ୍କୁ ସୁନାବେଡ଼ା ପୌର ପରିଷଦ ସଭାପତି ଭାବେ ମନୋନୀତ କରାଯାଇଛି। ରାମ ଅଣ୍ଟାବିଡ଼ିଆ ସେମିଳିଗୁଡା, କାଶୀନାଥ ଗଲୋରି ନନ୍ଦପୁର ଓ ଜୟସେନ ପୋଡ଼ାସେଠୀ ପଟ୍ଟାଙ୍ଗି ବ୍ଲକ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ବୃନ୍ଦାବନ ମଲ୍ଲିକ କୁନ୍ଦୁରା, ତପନ ପାଣିଗ୍ରାହୀ କୋଟପାଡ଼ ବ୍ଲକ ଏବଂ ଆରିଫ ମହମ୍ମଦ ପଟେଲଙ୍କୁ କୋଟପାଡ଼ ସହର ସଭାପତି ଭାବେ ମନୋନୀତ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ଝିନ ହିକକା, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ରବି ନାରାୟଣ ନନ୍ଦ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପିତମ ପାଢ଼ୀ, ପ୍ରଭୁ ଜାନି, ପ୍ରଫୁଲ୍ଲ ପାଙ୍ଗି, ଚନ୍ଦ୍ର ଶେଖର ମାଝୀ, କେ ସି ସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ପ୍ରମୁଖ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ନବ ନିଯୁକ୍ତ ସଭାପତି ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ରାୟଗଡ଼ା,୧୬।୧(ସମିସ): ଛାତ୍ରୀମାନଙ୍କ ସୁରକ୍ଷା ଓ ସ୍ୱାବଲମ୍ବନକୁ ଲକ୍ଷ୍ୟ କରି ଏକ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡାଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ କାର୍ଯ୍ୟକ୍ରମ ସଂଯୋଜିକା ଅତିଥିମାନଙ୍କୁ ସ୍ୱାଗତ କରି କହିଥିଲେ ଯେ, ଆଜିର ସମାଜରେ ଛାତ୍ରୀମାନେ ଆତ୍ମରକ୍ଷାରେ ପ୍ରଶିକ୍ଷିତ ହେବା ଅତ୍ୟନ୍ତ ଆବଶ୍ୟକ। ପ୍ରଶିକ୍ଷଣ ଛାତ୍ରୀମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ସମସ୍ତ ପ୍ରକାର ଅସୁବିଧାଜନକ ପରିସ୍ଥିତିକୁ ସାମ୍ନା କରିବାରେ ସାହାଯ୍ୟ କରେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ସରସ୍ୱତୀ ରାୟ ଯୋଗ ଦେଇ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଶିକ୍ଷା ସହିତ ସହିତ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସକ୍ଷମ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଆତ୍ମରକ୍ଷା ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରୀମାନେ ନିଜ ସୁରକ୍ଷା ନିଜେ କରିବାକୁ ସକ୍ଷମ ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଏକାଡେମିକ୍ ବର୍ସାର ଅଜୟ ରଇତ, ପ୍ରଶାସନିକ ବର୍ସାର ଟି. ଜ୍ୟୋତି, ଲେଫ୍ଟନାଣ୍ଟ ଉଦୟ ନାଏକ, ବିଭିନ୍ନ ଅଧ୍ୟାପକଚଅଧ୍ୟାପିକା, କର୍ମଚାରୀବୃନ୍ଦ ଓ ବହୁ ସଂଖ୍ୟକ ଛାତ୍ରୀମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷକମାନଙ୍କ ଦ୍ୱାରା ବିଭିନ୍ନ ଆତ୍ମରକ୍ଷା କୌଶଳର ପ୍ରାୟୋଗିକ ପ୍ରଦର୍ଶନ କରାଯାଇ ଛାତ୍ରୀମାନଙ୍କୁ ତାହାର ଅଭ୍ୟାସ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ଅଧ୍ୟାପିକା ମୋନାଲିସା ପାଣିଗ୍ରାହୀ ମୁଖ୍ୟ ଅତିଥି, ସମସ୍ତ ଅତିଥି, ପ୍ରଶିକ୍ଷକ, ଅଧ୍ୟାପକମଣ୍ଡଳୀ ଓ ଛାତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଜାତୀୟ ଯୁବଦିବସ ପାଳିତ

ଦାମନଯୋଡ଼ି/ସେମିଳିଗୁଡା, ୧୬।୧ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡିର ନାଲକୋ ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରେକ୍ଷାଳୟରେ ଆଜି ରେଡ୍ ରିବନ୍ କ୍ଲବ ଓ ଯୁବ ରେଡ୍‌କ୍ରସ୍ ତରଫରୁ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ମଧୁସୁଦନ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷକ ଅମୂଲ୍ୟ ସାହୁ, ଅନ୍ୟମାନଙ୍କ ମଧ୍ୟରେ ଡ. ନିରୋଦ କୁମାର ପ୍ରଧାନ ଓ ଉଦ୍ଧବ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡ୍ କ୍ରସ ପରାମର୍ଶ ଦାତା ଡକ୍ଟର ନରେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସଂଯୋଜନା ଓ ପରିଚାଳନା କରିଥିଲେ। ଶେଷରେ ଉଦ୍ଧବ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଅଟୋ-ବାଇକ୍ ଧକ୍କା, ଜଣେ ମୃତ

ରାୟଗଡ଼ା,୧୬।୧(ସମିସ): ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ କୋତପେଟା ଗ୍ରାମ ନିକଟରେ ଅଟୋ-ବାଇକ୍ ଧକ୍କା ଦେବା ଫଳରେ ବାପା ମୃତ୍ୟୁବରଣ କରିଥିବା ବେଳେ ପୁଅ ଗୁରୁତର ଥିବା ଜଣାପଡିଛି।
ସୂଚନାରୁ ଜଣାପଡିଛି, ଆଜି ଲାଙ୍କା ସୁଧା ଓ ତାଙ୍କ ପୁଅ ଲାଙ୍କା ଶ୍ୟାମ ତେଲୁଗୁ ସଂପ୍ରଦାୟର ମକର ସଂକ୍ରାନ୍ତି ଅବସରରେ କାଡୁମ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିଜ ଗ୍ରାମ କୁରୁମପେଟା ଠାରୁ ରାୟଗଡା ଯାଉଥିଲେ। ରାୟଗଡା ଯାଉଥିବା ସମୟରେ ବିପରିତ ଦିଗରୁ ଆସୁଥିବା ଏକ ଅଟୋ ବାଇକକୁ ଧକ୍କା ଦେଇଥିଲା। ଫଳରେ ଉଭୟ ଛିଟିକି ପଡି ଗୁରୁତର ଭାବେ ଆହାତ ହୋଇଥିଲେ। ସ୍ଥାନୀୟ ଲୋକ ଏବଂ ଗଣମାଧମ ପ୍ରତିନିଧିଙ୍କ ସହାୟତାରେ ୧୦୮କୁ ଡାକି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ରହିଥିବା ଯୋଗୁଁ ତାଙ୍କୁ ଆନ୍ଧ୍ର ପ୍ରଦେଶର ବିଜୟନଗରମ ସ୍ଥାନାନ୍ତର କରାଯାଉଥିଲା। କିନ୍ତୁ ରାସ୍ତାରେ ସୁଧାଙ୍କ ମୃତ୍ୟୁ ହୋଇଯାଇଥିଲା। ପୁଅ ଶ୍ୟାମର ଗୋଡ ଭାଙ୍ଗିଯାଇଥିବା ବେଳେ ଗୁରୁତର ଅବସ୍ଥାରେ ବିଜୟନଗରମ ଠାରେ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣାରେ ଅଟୋରେ ବସିଥିବା ଜଣେ ଯୁବତୀ ମଧ ଆହତ ହୋଇଥିବା ଜଣାପଡିଛି। ଘଟଣା ପରେ ଅଟୋ ସହ ଡ୍ରାଇଭର ଜଣଙ୍କ ଫେରାର ଥିବା ଜଣାପଡିଛି। ଚାନ୍ଦିଲି ପୁଲିସ ସିସି ଟିଭି ସହାୟତା ନେଇ ଅଟୋକୁ ଠାବ କରୁଥିବା ଜଣାପଡିଛି । ରାୟଗଡା ଓ ଜେକେପୁର ମଧ୍ୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ଏବଂ ଡିଭାଇଡର ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

# ମହିଳା ସ୍ନାତକ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

**ନବରଙ୍ଗପୁର,୧୬।୧(ସମିସ):** ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟ ପ୍ରାଙ୍ଗଣରେ ସୋମବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବନ୍ଦେ ମାତରମ୍ ସାମୂହିକ ଗାନ ଓ ଜାତୀୟ ଯୁବ ଦିବସ ଉତ୍ସାହ ଓ ଗରିମାର ସହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ ଖୋରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଦ୍ୱୀତିକୃଷ୍ଣ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ଚିନ୍ମୟ କୁମାର ସାହୁ ଓ ଆଡିସନାଲ କଲେକ୍ଟର ସୁମିତ ମଣ୍ଡଳ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ମାଳେଶ୍ୱରୀ ସାହୁ ସଭାପତିତ୍ୱ କରିଥିଲେ।"ବକ୍ତାମାନେ ଛାତ୍ରୀମାନଙ୍କ ଆତସୁରକ୍ଷା, ସ୍ୱାବଲମ୍ବନ ଓ ଆତ୍ମବିଶ୍ୱାସ ବିକାଶରେ ଆକରକ୍ଷା ତାଲିମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜାତୀୟ ଯୁବ ଦିବସ ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଅନୁସରଣ କରି ଯୁବପୀଢ଼ିକୁ ଦେଶଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ଆହ୍ୱାନ ଦିଆଯାଇଥିଲା।"ଆଅରକ୍ଷା ତାଲିମ ପାଇଁ ନିଯୁକ୍ତ ଅଧିକାରୀ ଡ଼ଃ ସଂଯୁକ୍ତା ପଣ୍ଡା ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସୁନିତା ପାତ୍ରଙ୍କ ସହ ସମସ୍ତେ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରୀ ଉପସ୍ଥିତ ଥିଲେ।

# ଏରୋନଟିକ୍ସ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ

ସୁନାବେଡ଼ା ,୧୬।୧ (ସମିସ);

ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟ ସଭା ଗୃହରେ ଯୁବ ରେଡ କ୍ରସ ତରଫରୁ ଜାତୀୟ ଯୁବ ଦିବସ ପାଳନ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ଅନସୂୟା ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡକ୍ଟର ସଞ୍ଜୟ ପୁରୋହିତ, ମୁଖ୍ୟ ବକ୍ତା ଭାବରେ ଇଂରାଜୀ ବିଭାଗର ପ୍ରାଧ୍ୟାପକ ଡକ୍ଟର ରବି ନାରାୟଣ ସାମନ୍ତରାୟ ଯୋଗ ଦେଇ ଯୁବଶକ୍ତିର ଦାୟିତ୍ୱବୋଧ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ୱାଇ ଆର ସି ର କାଉନସିଲର ଡକ୍ଟର ଶାନ୍ତନୁ ନାୟକ ସଭାପରିଚାଳନା କରିଥିଲାବେଳେ ସହଯୋଗୀ କାଉନ୍‌ସିଲର ଅଧ୍ୟାପିକା ଚିନ୍ମୟୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଗୌରୀଶଙ୍କର ରଥ, ସଞ୍ଜୟ କୁମାର ଲେଙ୍କା, ବିଶ୍ୱଜିତା ପାଢ଼ୀ, ଚିନ୍ମୟୀ ସାହୁ, ଶ୍ୱେତା ସୁମନ ଗିରି, ରୁଚିକା ମାଣିଆ, ଯଶୋବନ୍ତି ସ୍ୱାଇଁ, ମଦନ ହରିଜନ, ପ୍ରିୟଦର୍ଶିନୀ ରଥ, ସତ୍ୟବ୍ରତ ସାହୁ, ଶ୍ରୀଲତା ଯେନା ଆଦିଙ୍କ ସଙ୍ଗେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ନାଟ୍ୟ ସଂସଦର ବିଭିନ୍ନ ପ୍ରତିଯୋଗିତା

ରାୟଗଡା,୧୬।୧(ସମିସ): ରାୟଗଡ଼ା ବ୍ଲକ ଅମଲାଭଟା ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ନାଟ୍ୟ ସଂସଦ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ଶ୍ୟାମା ମହାପାତ୍ରଙ୍କ ପୃଷ୍ଠପୋଷକତାରେ ଦୁଇଦିନ ବ୍ୟାପୀ ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଗ୍ରୁପ୍ ଡ୍ୟାନ୍ସ ଏବଂ ସୋଲ ସଙ୍ଗ୍, ଦ୍ୱିତୀୟ ଦିବସରେ ଏକକ ଅଭିନୟ ଏବଂ ଏକାଙ୍କିକା ଅଭିନୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ନାଟ୍ୟ ସଂସଦର ଉପ ସଭାପତି ଏମ୍ କଲ୍ୟାଣ କୁମାର, ସହ ସଭାପତି ସୁଶ୍ରୀ ମନିକା ଦାସ ଏବଂ ଡକ୍ଟର ପ୍ରଦୀପ କୁମାର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାମନାଗୁଡା ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର କୈଳାସ ମଲ୍ଲିକ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ସଂଯୁକ୍ତା କୁମାରୀ ମାଝୀ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ପବିତ୍ର ମୋହନ ପ୍ରଧାନ, ଉଭିଦ ବିଜ୍ଞାନ ବିଭାଗର ଡକ୍ଟର ସୁନୀଲ କୁମାର ବିଷୋୟୀ, ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସୁରେଶ କୁମାର ମାଝୀଙ୍କ ସମେତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଏବଂ ଅଣଶିକ୍ଷକ ସହକର୍ମୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଏହି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉତ୍ସାହିତ କରିଥିଲେ।

# ମଧ୍ୟପ୍ରଦେଶରେ ଉତ୍କଳ ଯାଦବ ସମାଜ ରାଜ୍ୟ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

**ଟିକିରି,୧୬।୧(ସମିସ):** ଚଳିତ ମାସ ଗତ ୮ ଓ ୯ ତାରିଖରେ ଯାଦବ ମହାସଭା ତରଫରୁ ମଧ୍ୟପ୍ରଦେଶର ଇନ୍ଦୋର ଠାରେ ଆୟୋଜିତ ହୋଇଥିଲା ଜାତୀୟ କାର୍ଯ୍ୟକାରିଣୀ ବୈଠକ। କାର୍ଯ୍ୟକ୍ରମରେ ଓଡ଼ିଶାରୁ ଜାତୀୟ ଯାଦବ ମହାସଭାର ଯୁବ ସଭାପତି ପ୍ରଦୀପ ବେହେରା, ରାଜ୍ୟ ସଭାପତି ଅମର ନାୟକ, ଓ ରାୟଗଡାର ଯୁବକ ତଥା ରାଜ୍ୟ ସମ୍ପାଦକ ଅମିତ କୁମାର ନାୟକ ଯୋଗ ଦେଇଥିଲେ। ଦୁଇଦିନିଆ କାର୍ଯ୍ୟକ୍ରମରେ ଯାଦବ କୁଳର ବିକାଶ ତଥା ରେଜାଙ୍ଗଲା ଅହିର ରେଜିମେଣ୍ଟର ପୁନଃ ଉତ୍‌ଥାନ ନିମନ୍ତେ ଆଲୋଚନା ହୋଇଥିବା ରାଜ୍ୟ ଯାଦବ ମହାସଂଘ ସଂପାଦକ ଅମିତ ନାୟକ ପ୍ରକାଶ କରିଥିଲେ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ଭଉଣୀ ତଥା ଉଜ୍ଜୈନ ନଗରପାଳିକାର ବାଚସ୍ପତି କଳାବତୀ ଯାଦବଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଶ୍ରୀମତୀ ଯାଦବ ଓଡ଼ିଶାର ଏହି ଟିମକୁ ସମ୍ବର୍ଦ୍ଧନା କରିବା ସହ ଯାଦବ କୁଳ କିଭଳି ବିକାଶମୁଖି ହେବେ ଓ ସାଧାରଣ ସ୍ରୋତରେ ସାମିଲ ହେବେ ସେ ନେଇ ଆଲୋଚନା କରିଥିଲେ।

# ମା’ ମାର୍କମା ମହାବିଦ୍ୟାଳୟରେ ବନ୍ଦେ ମାତରମ୍ ଗାନ

ବିଷମ କଟକ,୧୬।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟରେ ଜାତୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ପୂର୍ବାହ୍ନ ୧୧ ଘଣ୍ଟିଆ ସମୟରେ ସାମୁହିକ ବନ୍ଦେ ମାତରମ୍ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୪୦୦ ଶହ ଛାତ୍ରଛାତ୍ରୀ ଓ ୩୦ଜଣ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ଆତ୍ମନିର୍ଭର ଭାରତର ସ୍ୱଦେଶୀ ସଂକଳ୍ପ ପତ୍ର ଅନୁଯାୟୀ ଏକ ଶପଥ ନିଆଯାଇଥିଲା। ଅପରାହ୍ନ ୧ ଘଟିକା ସମୟରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଜାତୀୟ ଯୁବ ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମ ଗୁଡ଼ିକ ଅନୁଷ୍ଠାନର ଅଧକ୍ଷ ଡକ୍ଟର ଅଶ୍ୱିନୀ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କରାଯାଇଥିଲା। ସଭାରେ ବରିଷ୍ଠ ଅଧ୍ୟାପକ ନିରଞ୍ଜନ ପାଢ଼ୀ, ସଞ୍ଜୟ କୁମାର ତ୍ରିପାଠୀ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବିପିନ ମାଣ୍ଡିଙ୍ଗା ଲକ୍ଷ୍ମୀପୁର ବ୍ଲକ ବିଜେଡି ସଭାପତି



ଲକ୍ଷ୍ମୀପୁର,୧୬।୧(ସମିସ): ଲକ୍ଷ୍ମୀପୁର ବ୍ଲକ ବିଜେଡି ସଭାପତି ଭାବେ ଯୁବବର୍ଗର ବିପିନ ମାଣ୍ଡିଙ୍ଗାଙ୍କୁ ଦାୟିତ୍ୱ ମିଳିଛି। ସେ ଜଣେ ଉଚ୍ଚ ଶିକ୍ଷିତ ଯୁବକ। ବିଟେକ୍ କରି ରାଜନୀତିରେ ପାଦ ଦେଇଛନ୍ତି। ବିଜେଡିରେ ସାମିଲ ହେବା ପର ଠାରୁ ସେ ଦଳ ପାଇଁ ଅନେକ କାର୍ଯ୍ୟ ସୁଚାରୁ ରୁପେ ତୁଲାଇ ଆସୁ ଥିବା ଦେଖି ଦଳ ତାଙ୍କୁ ଏପରି ଏକ ଗୁରୁ ଦାୟିତ୍ୱ ଦେଇଥିବ ଜିଲ୍ଲା ସଭାପତି ଝିନ ହିକକା କହିଛନ୍ତି। ଦଳ ଏପରି ଏକ ଗୁରୁ ଦାୟିତ୍ୱ ଦେଇ ଥିବା ହେତୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସେ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ବିଜେଡ଼ି କିପରି ପୂର୍ବ ଭଳି ଜନପ୍ରିୟ ହେବ ସେଥିପାଇଁ ସବୁ କର୍ମୀ ମାନଙ୍କୁ ସାଥିରେ ନେଇ କାର୍ଯ୍ୟ କରିବାକୁ ଶ୍ରୀ ମାଣ୍ଡିଙ୍ଗା କହିଛନ୍ତି। ଉଚ୍ଚ ଶିକ୍ଷିତ ଯୁବକଙ୍କୁ ବ୍ଲକ ସଭାପତି ଦାୟିତ୍ୱ ଦିଆଯାଇଥିବାରୁ ଯୁବଗୋଷ୍ଠୀ ତଥା ସମର୍ଥକ ମହଲରେ ଖୁସି ବ୍ୟକ୍ତ କରାଯିବା ସହ ବିଜେଡି ସୁପ୍ରିମୋ ନବୀନ ବାବୁଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ମନୋଜ ମହାପାତ୍ର ବୈପାରୀଗୁଡ଼ା ବ୍ଲକ୍ ବିଜେଡି ସଭାପତି



ବୈପାରୀଗୁଡ଼ା, ୧୬।୧(ସମିସ): ବୈପାରୀଗୁଡା ବ୍ଲକ ବିଜେଡି ସଭାପତି ଭାବେ ଚୟନ ହେଲେ ମନୋଜ ମହାପାତ୍ର। ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆଜି ଶଙ୍ଖ ଭବନ ଚିଠି ନମ୍ବର ୧୧/ ୧ /ଏସବି/ ବିଜେଡି/ ୨୦୨୬ ଅନୁଯାଇ ବୈପାରୀଗୁଡା ବ୍ଲକ ସଭାପତି ଭାବେ ମନୋଜ ମହାପାତ୍ରଙ୍କ ନାମ ପ୍ରକାଶ ପାଇଛି। ସୂଚନା ଥାଉକି, ଶ୍ରୀ ମହାପାତ୍ର ପୂର୍ବରୁ ଏକାଧିକ ଥର ବ୍ଲକ ବିଜେଡି ସଭାପତି ଦାୟିତ୍ୱ ତୁଲାଇଛନ୍ତି। ସେ କୋରାପୁଟ ବିଧାୟକ ପ୍ରତିନିଧି ଏବଂ କୋରାପୁଟ ସାଂସଦ ପ୍ରତିନିଧି ଭାବେ ମଧ ସୁଚାରୁ ରୂପେ ନିଜ ଦାୟିତ୍ୱ ସମ୍ପନ କରିଛନ୍ତି। ଏଣୁ ପୁଣି ଥରେ ଦଳ ତାଙ୍କ କାର୍ଯ୍ୟ ଦକ୍ଷତା ଉପରେ ଆସ୍ଥା ପ୍ରକଟ କରି ବ୍ଲକ ସଭାପତି ଭାବେ ଚୟନ କରିଛି।

# କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍




କୋଟପାଡ଼, ୧୬।୧ (ସମିସ): କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ତିନି ଜଣିଆ ରାଜ୍ୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। କୋଟପାଡ଼ ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନ ଠାରୁ ଆରମ୍ଭ କରି ନିରାମୟ ଔଷଧ ବିତରଣ କେନ୍ଦ୍ର, ନିଦାନ ବିଭାଗ, ଅନ୍ତଃ ବିଭାଗ, ବର୍ହିବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ଔଷଧ ଭଣ୍ଡାର ସହ କାର୍ଯ୍ୟାଳୟର ସମସ୍ତ ନଥିପତ୍ର ପରଖିଥିଲେ। ଏହି ରାଜ୍ୟସ୍ତରୀୟ ତିନି ଜଣିଆ ଟିମ୍‌ରେ ରାଜ୍ୟ ଆଇଡି ଏସପି ସେଲ ମୁଖ୍ୟ ଡାକ୍ତର ସୁରଜିତ୍ ଗରବାଡୁ , ବାର୍ଯ୍ୟ ବସ୍ତୁ ପରିଚାଳନା ପରାମର୍ଶ ଦାତା ଡାକ୍ତର ସୌମ୍ୟ କାନ୍ତ ପାତ୍ର, ପରାମର୍ଶ ଦାତା ଡାକ୍ତର ଅନୀଲ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ପୂର୍ବ ବର୍ଷ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କାୟାକଳ୍ପରେ ସମ୍ମାନିତ ହୋଇ ସାରିଛି। ଚଳିତ ବର୍ଷ ମଧ କାୟାକଳ୍ପ ପୁରସ୍କାର ପାଇବା ଆଶା ରଖିଛନ୍ତି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ରଞ୍ଜିତ କୁମାର ଦାସ କହିଛନ୍ତି । ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିଶ୍ୱଜିତ୍ ମଲ୍ଲିକ, ଡାକ୍ତର ଶ୍ରୀରାମ ପଣ୍ଡା, ଡାକ୍ତର ଏମ ବିଷ୍ଣୁ ବର୍ଦ୍ଧନ ରାଜୁ, ବିପିଏମ ରାଜଲକ୍ଷ୍ମୀ ପଣ୍ଡା, ରାହେଲ କାଡମ, ସଞ୍ଜୟ ମଲ୍ଲିକ, ଆନନ୍ଦ କୁମାର, ବେହେରା, ସୂର୍ଯ୍ୟକାନ୍ତ ପାଢ଼ୀ, ସନ୍ତୋଷ ପାଢ଼ୀ, ତାପସ କୁମାର ପରିଡ଼ା, ନରସିଂହ ସାହୁ, ପୂର୍ଣ୍ଣଚନ୍ଦ୍ର ଭୋଇ ଜିଲ୍ଲା (କ୍ୟୁଏ) ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ଚତୁର୍ଥ ଶ୍ରେଣୀର କର୍ମଚାରୀ ଉପସ୍ଥିତି ରହି ଏହି ଟିମ୍‌କୁ ପୂର୍ଣ୍ଣ ସହଯୋଗ କରିଥିଲେ।

# ବନ ବିଭାଗର ପ୍ଲାଷ୍ଟିକ ମୁକ୍ତ ପିକ୍‌ନିକ୍ କ୍ୟାମ୍ପ୍ କାର୍ଯ୍ୟକ୍ରମ

ବୈପାରୀଗଡ଼ା, ୧୬।୧(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବିରଖମ୍ବ ପୀଠ ଟେକ ବାଡ଼ରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାର ପ୍ରବଳମାତ୍ରାରେ ଏଠାରେ ହୋଇଥାଏ । ଏହାକୁ ଦୃଷ୍ଟିରେ ଦୃଷ୍ଟିରେ ରଖି ବୈପାରୀଗୁଡା ବନ ବିଭାଗ ପକ୍ଷରୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ମୁକ୍ତ ପିକ୍‌ନିକ୍ କ୍ୟାମ୍ପ୍ -୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଟେକ ବାଡ଼ର ଚତୁଃପାଶ୍ୱର୍କୁ ସଫେଇ କରାଯାଉଛି । ଏହି ଅବସରରେ ଅତ୍ୟଧିକ ପରିମାଣରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ହେଉ ଥିବାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାର ନ କରିବା ପାଇଁ ଅନୁରୋଧ କରିଛନ୍ତି ସ୍ଥାନୀୟ ରେଞ୍ଜର ସନ୍ଦୀପ ପାଣିଗ୍ରାହୀ । ଏହି କାର୍ଯ୍ୟକ୍ରମରେ ବନ ବିଭାଗର ସମସ୍ତ ଷ୍ଟାପ ଉପସ୍ଥିତ ଥିଲେ ।

